# ଶୁଣୁନି ବ୍ଲକ୍ ପ୍ରଶାସନ; ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ

ଜଗନ୍ନାଥ ପ୍ରସାଦ, ୯।୬(ସମିସ)




ରାଜ୍ୟ ସରକାର ଜଗନ୍ନାଥ ପ୍ରସାଦ ବ୍ଲକର ଜଗନ୍ନାଥ ପ୍ରସାଦ ପଞ୍ଚାୟତକୁ ନୂତନ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସାମିଲ କରିଛନ୍ତି। ସହରୀକରଣ ତଥା ରାସ୍ତାଘାଟର ଉନ୍ନତିକରଣ, ଉନ୍ନତମାନର ଡ୍ରେନେଜ ବ୍ୟବସ୍ଥା,ସୁନ୍ଦର ପରିବେଶ, ପରିମଳ, ସ୍ୱାସ୍ଥ୍ୟ, ଆଲୋକୀକରଣରେ ପରିଚ୍ଛନ୍ନତା ଆସିବ ବୋଲି ଅଞ୍ଚଳ ବାସି ଆଶା ବାନ୍ଧିଥିଲେ। କିନ୍ତୁ ଜଗନ୍ନାଥ ପ୍ରସାଦ ପ୍ରଶାସନ ବିକାଶ କ୍ଷେତ୍ରରେ କେଉଁଠି ନା କେଉଁଠି ପଛଘୁଞ୍ଚା ଦେଇଥିବା ଅଭିଯୋଗ ଜନଶୁଣାଣୀରେ ଅଭିଯୋଗ ହେଉଥିବା ଦେଖିବାକୁ ମିଳୁଛି।

ସୂଚନା ଥାଉ କି ବିଜ୍ଞାପିତ ଅଂଚଳ ଅଧୀନ କଇଥସାହିରେ ଶତାଧିକ ଜନବସତି ଆଦିମ କାଳରୁ ଗଢି ଉଠିଛି। ଜନସଂଖ୍ୟା କହିଲେ ଏକ ହଜାରରୁ ପାର। ଜନସଂଖ୍ୟା ଦୃଷ୍ଟିରୁ କଇଥସାହିଟି ଏକାକି ହେଉଛି ସହରୀ ଅଞ୍ଚଳର ୫ ନମ୍ବର ୱାର୍ଡ। ଏଠାରେ ସ୍ଥାୟୀ ଶ୍ମଶାନ ନ ଥିବାରୁ ବର୍ଷା ଦିନରେ ରାସ୍ତା ପାର୍ଶ୍ୱ, ବୋଡାନଦୀ ପଠା ଏବଂ ନଦୀ ଗର୍ଭରେ ଶବ ସତ୍କାର କରାଯାଉଥିବା ଭଳି ସମ୍ବେଦନଶୀଳ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହୋଇଥିଲା। ଏ ନେଇ ସାହିବାସୀ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନ୍ମଥ ନାଥ ମଲ୍ଲିକ, ତହସିଲଦାର ଅଶୋକ କୁମାର ମୁଦୁଲି, ଗ୍ରାମସେବକ ବସନ୍ତ ସାହୁଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ। ଏପରିକି ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ପାଖରେ ମଧ ଜନଶୁଣାଣିରେ ଅଭିଯୋଗ କରିଥିଲେ ସକାଳ ସାମ୍ବାଦିକ ଧବଳେଶ୍ୱର ବେହେରା। ଜାଗା ଚିହ୍ନଟ ସହ ସହକାରୀ ଯନ୍ତ୍ରୀ ଏବଂ ସ୍ଥାନୀୟ ବ୍ଲକ ପ୍ରଶାସନ, ଉପାଧ୍ୟକ୍ଷ ନୀଳାଞ୍ଚଳ ଖିଲାର ମଧ ଘଟଣା ସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ଦିଗରେ ଦୃଷ୍ଟି ଦେବାପାଇଁ କହିଥିଲେ। ଦୀର୍ଘ ୮ ମାସ ବିତିଯାଇଥିଲେ ମଧ ବ୍ଲକ ପ୍ରଶାସନ କର୍ଣ୍ଣପାତ କରୁନଥିଲା। ଗାତ ମଇ ମାସ ୫ତାରିଖରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଗଞ୍ଜାମ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଶବଦାହ ସମୟର ସମ୍ବେଦନଶୀଳ ଫଟ ଚିତ୍ରକୁ ସାମ୍ବାଦିକ ଧବଳେଶ୍ୱର ବେହେରା, ଚନ୍ଦ୍ରକେତୁ ରାଉତ ଏବଂ ଚିତ୍ତରଞ୍ଜନ ଗନ୍ତାୟତ ଏକ ଲିଖିତ ଅଭିଯୋଗ ପତ୍ର ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନାଙ୍କୁ ଦେଇଥିଲେ। ଏ ନେଇ ଶ୍ରୀ ଜେନା ସମସ୍ୟାର ତୁରନ୍ତ ସମାଧାନ ପାଇଁ ସ୍ଥାନୀୟ ବିଡ଼ିଓ ଶ୍ରୀ ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘ ଏକମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶଙ୍କୁ ଅବମାନନା କରି ଶ୍ମଶାନ କାର୍ଯ୍ୟ ତିଆରି ପାଇଁ ପଛଘୁଞ୍ଚା ଦେଉଥିବା ଅଞ୍ଚଳରେ ଚର୍ଚ୍ଚା ଜୋର ହେଉଛି। ତେବେ ଏଥି ପ୍ରତି ଜିଲ୍ଲାପ୍ରଶାସନ ଦୃଷ୍ଟି ଦେଇ ସ୍ଥାୟୀ ଶ୍ମଶାନ ନିର୍ମାଣ କରିବା ପାଇଁ ସାହିବାସୀ ଅନୁରୋଧ କରିଛନ୍ତି।

## ଯୁବକଙ୍କୁ ଖଣ୍ଡାରେ ହାଣିବା ଘଟଣା

# ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

ରଙ୍ଗେଇଲୁଣ୍ଡା, ୯।୬(ସମିସ): ଗତ ମାସ ୧୫ ତାରିଖରେ ଗୋଳନ୍ଥରା ଥାନା ଅଧୀନସ୍ଥ ଶିହଳା ଗ୍ରାମରେ ଦୁର୍ବୃତ୍ତମାନେ ଖଣ୍ଡା କାତି ଧରି ଆତଙ୍କ ରାଜ କରିବା ସହ କାର ଭାଙ୍ଗରୁଜ କରି ଯୁବକୁ ହାଣି ଘଟଣାରେ ୨୪ ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ଟେର ପାଉନି ପୋଲିସ।

ଅନ୍ୟପଟେ ଅଭିଯୁକ୍ତମାନେ ଖୋଲାରେ ବୁଲୁଥିବା ନେଇ କିଭଳି ପୋଲିସ ଅଭିଯୁକ୍ତମାନଙ୍କ ସୂଚନା ପାଉନଥିବା ନେଇ ସାଧାରଣ ମତ ପ୍ରକାଶ ପାଇଛି। ସମ୍ପୃକ୍ତ ଅଭିଯୁକ୍ତ ନାଁ ପୂର୍ବରୁ ଏକାଧିକ ମାମଲା ରହିଥିବା ବେଳେ ଅଭିଯୁକ୍ତ ମାନେ ଅଭିଯୋଗକାରୀଙ୍କୁ ଫୋନ କାରି ମାମଲାରୁ ଉଠେଇବା ପାଇଁ ଚାପ ପକାଉଥିବା ସହ ଯଦି ମାମଲା ପ୍ରତିହ୍ୟର ନ କରିଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଧମକ ଦେଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଅଭିଯୁକ୍ତମାନଙ୍କ ପଛରେ ଯୁବ ନେତା ଆଶୀର୍ବାଦ ଥିବା ଫଳରେ ପୋଲିସ ଗିରଫ କରୁନଥିବା ନେଇ ଅଭିଯୋଗ ଉଠିଛି। ତୁରନ୍ତ ପୋଲିସ ବିଭାଗ ଏଥି ପ୍ରତି ଦୃଷ୍ଟି ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଅଭିଯୋଗକରି ଦାବୀ କରିଛି। ସୂଚନା ଅନୁସାରେ ଲାଠି, ବେନ୍ଦାଳିଆ ଓ ସିଙ୍ଗାବାଡ଼ି ଗ୍ରାମର ୬ ଜଣ ଯୁବକ ଆଖ ପାଖ ଅଞ୍ଚଳରୁ ଗାଇ ଓ ଗୋରୁ ଚୋରୀ କରି ଚାଲାଣ କରୁଥିଲେ। ଏହାକୁ ଶିହଳା ଗ୍ରାମ ତୁଫାନ ସେଠି ଜାଣିବା ପାରେ ଗତ ମାସ ୧୧ ତାରିଖ ରାତିରେ ଚାଲାଣକୁ ବିରୋଧ କରିଥିଲେ। ପାଣ୍ଡା ଗୌଡ଼ ବନ୍ଧୁକ ଦେଖିଇ ଗୁଳିକରି ମାରି ଦେବି ବୋଲି ତୋଫାନକୁ ଧମକ ଦେଇଥିଲେ। ପୁଣି ଗତ ମାସ ୧୩ ତାରିଖ ତୋଫାନ ସିଙ୍ଗାବାଡ଼ିର କାଳୁଆ ମନ୍ଦିର ନିକଟରେ ସାଙ୍ଗ ମାନଙ୍କ ସହିତ କଥା ହୋଉଥିବା ବେଳେ ସେହି ଗ୍ରାମର ବୁଡୁ ଗୌଡ଼ ଆସି ମାସକୁ ୧୦ ହଜାର ଟଙ୍କା ଦାଦା ବଟି ଦେବା ପାଇଁ କହିଥିଲେ କ୍ଷ କିନ୍ତୁ ତୋଫାନ ରାଜି ହୋଇନଥିଲେ ଉଭୟ ମଧ୍ୟରେ ବଚସା ହୋଇଥିଲା ଉଭୟ ଚାଲି ଯାଇଥିଲା କ୍ଷ ଗତ ୧୫ ତାରିଖ ରାତି ପ୍ରାୟ ସାଢେ ୭ ଟା ସମୟରେ ପାଣ୍ଡା, ବୁଡୁ ଓ ସମେତ ୬ ଜଣ ଦୁଇଟି ବାଇକରେ ଖଣ୍ଡା, କାତି ଓ ବନ୍ଧୁକ ଧରି ସିଙ୍ଗାବାଡ଼ି ଗ୍ରାମରେ ତୋଫାନ, ହରିଶ କୁମାର ନାୟକ ଓ ବିକି ଦାସକୁ ଆକ୍ରମଣ କରିବା ପାଇଁ ଗୋଡ଼ଥିବା ବେଳେ ବନ୍ଧୁକ ଗୁଳି ଫୁଟାଇ ଆତଙ୍କ ରାଜ କରିଥିଲେ। ସେଠାରେ ଥିବା ତୋଫାନ ସାଙ୍ଗ ହରେଶ ନାୟକକୁ ଖଣ୍ଡରେ ଆକ୍ରମଣ କରିଥିଲେ। ପୁଣି ତୋଫାନ ଘର ପାଖକୁ ଯାଇ କାରକୁ ଖଣ୍ଡାରେ ଯୁବକମାନେ ଭାଙ୍ଗି ଦେଇଥିଲେ। ପରେ ୬ ଜଣ ଘର ଭିତରକୁ ପଶି ଯାଇଥିଲେ। ଭଙ୍ଗାରୁଜା କରି ତାଙ୍କ ସ୍ତ୍ରୀ ଟଣା ଓଟର କରି ଭାଇ ଓ ଭାଉଜଙ୍କୁ ଜାତିୟାଣ ମନ୍ତବ୍ୟ କହି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ।

ଖବର ପାଇ ଘଟଣାସ୍ଥଳରେ ଗୋଳନ୍ଥରା ପୋଲିସ ପହଞ୍ଚିବା ବେଳକୁ ଘଟଣା ସ୍ଥଳରୁ ଯୁବକ ମାନେ ଫେରାର ହୋଇଯାଇଥିଲେ। ଏ ନେଇ ତୋଫାନ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ୧୮୦/୨୬ ପ୍ରକାରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟ ପଟେ ଆହତ ହରେଶଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ।

# ତପ୍ତପାଣି ଘାଟିରେ ଓଲଟିଲା କାର୍



ସାନଖେମୁଣ୍ଡି, ୯।୬(ସମିସ) : ଗଞ୍ଜାମ-ଗଜପତି ସୀମାନ୍ତ ପାଟପୁର ଥାନା ଅନ୍ତର୍ଗତ ବେଲଗଡ଼ ଗ୍ରାମ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଭାରସାମ୍ୟ ଗୋଟାଏ କାର ଓଲଟି ପଡିଥିବା ବେଳେ ଏଥିରେ କେହି ମୃତାହତ ହୋଇନଥିବା ଜଣାପଡିଛି। ମଙ୍ଗଳବାର ମଧ୍ୟାହ୍ନରେ ଗୋଟାଏ କାର୍ ମୋହନାରୁ ଦିଗପହଣ୍ଡି ଅଭିମୁଖେ ଯାଉଥିବା ବେଳେ ବେଲଗଡ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଗାଡ଼ିଟି ଏକ ଖାଲକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ପାଟପୁର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# କୁମାରୀପାରିରେ କାଳ ବୈଶାଖୀ; ଗଛ ପଡ଼ି ଭାଙ୍ଗିଲା ଘର



ବେଗୁନିଆପଡ଼ା, ୯।୬(ସମିସ): ସୋମବାର କାଳ ବୈଶାଖୀ ପ୍ରଭାବ ଫଳରେ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ କୁମ୍ଭାରଗାଁ ପଂଚାୟତର କୁମାରିପାରି ଗ୍ରାମର ତ୍ରିନାଥ ପଲେଇଙ୍କ ଘର ଉପରେ ଏକ ବଡ ଗଛ ପଡ଼ିଯିବା ଫଳରେ ତାଙ୍କ ଘରର କାନ୍ଥ ଏବଂ ଟିଣ ଆଦି ନଷ୍ଟ ହୋଇଯାଇଛି। ସୂଚନା ମୁତାବକ ଗତକାଲି ପ୍ରବଳ ବର୍ଷା ପବନ ଫଳରେ ତାଙ୍କ ଘର ପାଖରେ ଥିବା ଏକ ବଡ଼ ଗଛ ଘର ଉପରେ ପଡ଼ିଯିବା ଫଳରେ ଘର ଭାଙ୍ଗି ନଷ୍ଟ ହୋଇଯାଇଛି। ଏନେଇ ତାଙ୍କୁ ସରକାରୀ ସହାୟତା ଯୋଗେଇଦେବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

# ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ସରପଞ୍ଚଙ୍କ ଧାରଣା



ସାନଖେମୁଣ୍ଡି, ୯।୬(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ କଙ୍କେରଡା ପଞ୍ଚାୟତ ସରପଞ୍ଚ ମିନତି ସେଠୀଙ୍କ ସମେତ ଶତାଧିକ ମହିଳା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ସୂଚନା ମୁତାବକ କଙ୍କେରଡା ପଞ୍ଚାୟତକୁ ସରକାରୀ ଯୋଜନାରେ ଅବହେଳା, ଅନ୍ତଦେୟ ଗୃହ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଓ ତଥ୍ୟ ଦେବାରେ ଅବହେଳା, ଉନ୍ନତିମୂଳକ କାର୍ଯ୍ୟରେ ବ୍ଲକ ପ୍ରଶାସନ ର ଅବହେଳା, ସାନଖେମୁଣ୍ଡି ବିଡ଼ିଓଙ୍କ ଦ୍ୱାରା ଜନ ପ୍ରତିନିଧି ଓ ଲୋକଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ସରପଞ୍ଚ ଓ ଶତାଧିକ ବିଧବା, ଭିନ୍ନକ୍ଷମ ମହିଳା ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଛନ୍ତି। କାର୍ଯ୍ୟ ସରିଥିବା ବେଳେ ବିଲରେ ଦସ୍ତଖତ କରୁ ନ ଥିବା ଓ ଆଜି କାଲି କହି ସମୟ ଗଡାଉଥିବା ସରପଞ୍ଚ ଶ୍ରୀମତୀ ସେଠୀ ଅଭିଯୋଗ କରିଛନ୍ତି। ବିଡିଓ ଜାଣିଶୁଣି ତାଙ୍କ ପଞ୍ଚାୟତରେ ଏଭଳି ଦ୍ୱନ୍ଦ ସୃଷ୍ଟି କରୁଥିବା ମଧ ସେ ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ କି ମା ରତନେଇ ମହୋତ୍ସବ ନାମରେ ସାନଖେମୁଣ୍ଡି ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର ୧ ଲକ୍ଷ ଟଙ୍କା ମାଗିଥିଲେ କିନ୍ତୁ ସରପଞ୍ଚ ଶ୍ରୀମତୀ ସେଠୀ ଟଙ୍କା ଦେବା ମନା କରିଦେବା ଦିନ ଠାରୁ ପଞ୍ଚାୟତ ପ୍ରତି ଅବହେଳା କରାଯାଉଛି ଏବଂ ଗୋଟାଏ ଅନ୍ତ୍ୟୋଦୟ ଗୃହ ପାଇଁ ୧୦ ହଜାର ଟଙ୍କା ମାଗିଥିଲେ କିନ୍ତୁ ଟଙ୍କା ନ ଦେବାରୁ ଗୃହ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କ ନାମ ବାଦ ଦିଆଯାଇଥିବା ଜଣାପଡିଛି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳା ସହ ଧାରଣା କରାଯିବ ବୋଲି ସରପଞ୍ଚ ଶ୍ରୀମତୀ ସେଠୀ କହିଛନ୍ତି। ଘଟଣା ସମ୍ପର୍କରେ ସାନଖେମୁଣ୍ଡି ବିଡିଓଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇପାରିନାହିଁ। ଧାରଣାକୁ ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘ ସମର୍ଥନ ଜଣାଇବା ସହ ସରପଞ୍ଚ ସଂଘ ସଭାପତି ମନୋରଞ୍ଜନ ଗୌଡ ଆସି ଧାରଣାରେ ବସିଥିଲେ।

## କେପିଏଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ

# ଫେରେଲେସ୍ ଫାଇଟର୍ସ ଓ ଜେଏମ୍-୧୧ ବିଜୟୀ

କାଶୀନଗର, ୮।୬(ସମିସ): କାଶୀନଗର ଫ୍ରେଣ୍ଡସ୍ କ୍ରିକେଟ୍ କ୍ଲବ୍ ପକ୍ଷରୁ ଆୟୋଜିତ କେପିଏଲ୍ ସେସନ୍-୨ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଦୁଇଟି ରୋମାଞ୍ଚକର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ମ୍ୟାଚ୍ ଦେଖିବା ପାଇଁ ବହୁ କ୍ରିକେଟ୍ ପ୍ରେମୀଙ୍କ ସମାଗମ ହୋଇଥିଲା। ଦିନର ପ୍ରଥମ ମ୍ୟାଚ୍‌ରେ ଗାରୁଡ଼ା ନାଇଟ୍ ରାଇଡର୍ସ ଓ ଫେରେଲେସ୍ ଫାଇଟର୍ସ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଉଭୟ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷରେ ଫେରେଲେସ୍ ଫାଇଟର୍ସ ଦଳ ବିଜୟ ହାସଲ କରି ପଏଣ୍ଟ ତାଲିକାରେ ନିଜ ସ୍ଥିତିକୁ ମଜଭୁତ କରିଥିଲା। ସେହିପରି ଦିନର ଦ୍ୱିତୀୟ ମ୍ୟାଚ୍‌ରେ ଜେଏମ୍-୧୧ ଓ ଫର ଦି ପିପଲ୍ ମଧ୍ୟରେ ମୁକାବିଲା ହୋଇଥିଲା। ଜେଏମ୍-୧୧ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ପ୍ରତିପକ୍ଷ ଉପରେ ଚାପ ସୃଷ୍ଟି କରିଥିଲା। ଦଳର ବ୍ୟାଟର ସନ୍ଦୀପ କୁମାର ବଡ଼ଘର ଚମତ୍କାର ବ୍ୟାଟିଂ କରି ମାତ୍ର ୩୫ଟି ବଲ୍‌ରେ ୬୫ ରନ୍ ସଂଗ୍ରହ କରିଥିଲେ। ତାଙ୍କ ଆକର୍ଷଣୀୟ ପାଳିରେ ଏକାଧିକ ଚୌକା ଓ ଛକା ସାମିଲ ଥିଲା, ଯାହା ଦଳର ବିଜୟରେ ମୁଖ୍ୟ ଭୂମିକା ନେଇଥିଲା। ବୋଲିଂ ବିଭାଗରେ ଶିବ ମିଶାଲ ଅତ୍ୟନ୍ତ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ସେ ୩ ଓଭର ବୋଲିଂ କରି ମାତ୍ର ୬ ରନ୍ ବ୍ୟୟ କରି ୪ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ହାସଲ କରିଥିଲେ। ତାଙ୍କ ଘାତକ ବୋଲିଂ ଫର ଦି ପିପଲ୍ ଦଳର ବ୍ୟାଟିଂ କ୍ରମକୁ ଭାଙ୍ଗି ଦେଇଥିଲା ଏବଂ ଜେଏମ୍-୧୧ର ବିଜୟକୁ ସହଜ କରିଥିଲା। ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଫେରେଲେସ୍ ଫାଇଟର୍ସ ଏବଂ ଜେଏମ୍-୧୧ ବିଜୟ ହାସଲ କରି ନିଜ ନିଜ ଦଳର ସମର୍ଥକଙ୍କ ମଧ୍ୟରେ ଉତ୍ସାହ ବଢ଼ାଇ ଦେଇଛନ୍ତି। ଟୁର୍ଣ୍ଣାମେଣ୍ଟ ଆଗକୁ ବଢ଼ିବା ସହ ମ୍ୟାଚ୍‌ଗୁଡ଼ିକ ଅଧିକ ରୋମାଞ୍ଚକର ହେବ ବୋଲି କ୍ରିକେଟ୍ ପ୍ରେମୀ ଆଶା ପ୍ରକାଶ କରିଛନ୍ତି। କାଶୀନଗର ଅଞ୍ଚଳରେ ଏହି ଟୁର୍ଣ୍ଣାମେଣ୍ଟ କ୍ରିକେଟ୍ ପ୍ରତି ଥିବା ଆଗ୍ରହକୁ ଆହୁରି ବୃଦ୍ଧି କରୁଥିବା ଦେଖିବାକୁ ମିଳୁଛି।



# ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ

କୋଦଳା, ୯।୬(ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଖଣ୍ଡିଆନଇ ସ୍ଥିତ ନାରାୟଣ ସାହୁ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର ଶ୍ରୀ ସିଦ୍ଧେଶ୍ୱର ଆଞ୍ଚଳିକ ପରିଷଦ ତତ୍ତ୍ୱାବଧାନରେ ପ୍ରତିଭା ସମ୍ମାନ-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସମାଜର କର୍ମକର୍ତ୍ତା ପ୍ରଥମେ କୁଳ ଦେବତାଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଅଞ୍ଚଳ ପରିଷଦ ସଭାପତି ଯୋଗିନ୍ଦ୍ର ବିଷୋୟୀ, ଉପ ସଭାପତି ମହେଶ୍ୱର ଭୂୟାଁ, ଅଞ୍ଚଳ ପରିଷଦ ସଂପାଦକ ପ୍ରକାଶ ଭୂୟାଁ, ଅଞ୍ଚଳ ପରିଷଦ ସଂଗଠକ ସଂପାଦକ ମନୋଜ ପ୍ରଧାନ, କୋଷାଧକ୍ଷ ପ୍ରଭାକର ନାହାକ, ଉପଦେଷ୍ଟା ନୀଳାଞ୍ଚଳ ସ୍ୱାଇଁ, ମୁଖ୍ୟ ସଂଗଠକ ଗୌରୀ ଶଙ୍କର ସୁମନ୍ତରାୟ, କେନ୍ଦ୍ର ପରିସରର ସମ୍ପାଦକ ନୀଳାଞ୍ଚଳ ପୋଲାଇଙ୍କ ସମେତ ବିଭିନ୍ନ କୁଳ କମିଟି ର କର୍ମକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଆଦି ପ୍ରଦାନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଶିକ୍ଷା କ୍ଷେତ୍ରରେ ପ୍ରତିଭା ଅର୍ଜନ କରିଥିବା ଯୁକ୍ତ ଦୁଇର ୬୫ ଜଣ ଓ ମାଟ୍ରିକର ୧୦୪ ଜଣ ଛାତ୍ରଛାତ୍ରୀଙ୍କୁ ସାମ୍ମାନୀତ କରାଯିବା ସହ ଗୋଟିଏ ଗୋଟିଏ ଚାରା ପ୍ରଦାନ କରାଯାଇଥିଲା। ଏଥିରେ ନୂଆଗଡ, ମର୍ଦ୍ଦ କୋଟ, ଗୋପୀନାଥ, ଆଠଗଡ଼ପଲ୍ଲୀ ଓ ଝଡେଶ୍ୱର ମଣ୍ଡଳର ୫୨ ଖଣ୍ଡ ଗାଁର କର୍ମକର୍ତ୍ତା ସହଯୋଗ କରିଥିଲେ।

## ହିତାଧିକାରୀଙ୍କ ଭତ୍ତା ବନ୍ଦ ପ୍ରସଙ୍ଗ

# ସରପଞ୍ଚଙ୍କ ଧାରଣା ସପ୍ତାହେ ବିତିଲା

ଦିଗପହଣ୍ଡି, ୯।୬(ସମିସ) ଦିଗପହଣ୍ଡି ବ୍ଲକ ଅଧିନ ୨୫ ପଞ୍ଚାୟତ ଏବଂ ଦିଗପହଣ୍ଡି ଏନଏସି ଅଧିନ ୧୦ ୱାର୍ଡର ୭୧୫ ହିତାଧିକାରୀଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ ଗତ ୩ ମାସ ହେଲା ଭତ୍ତା ଅର୍ଥରାଶି ମିଳୁନଥିବା ଏବଂ ଦୀର୍ଘ ୨ ବର୍ଷ ଧରି ଅନଲାଇନ ଜରିଆରେ ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କ ନୂତନ ଭତ୍ତା ଅନୁମୋଦନ କରାନଯିବା ପ୍ରତିବାଦରେ ସରପଞ୍ଚ ସଂଘର ଗଞ୍ଜାମ ଜିଲା ସଭାପତି ତଥା ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ସରପଞ୍ଚ ମନୋରଞ୍ଜନ ଗୌଡ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗତ ୨ ତାରିଖରୁ ଧାରଣାରେ ୭ଦିନ ହେଲା ବସିଛନ୍ତି। ସୋମବାର ମଧ୍ୟାହ୍ନରେ ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ହିଞ୍ଜିଳିକାଟୁ ବ୍ଲକ ଅଧିନ ଅନେକ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଧାରଣା ସ୍ଥଳରେ ପହଞ୍ଚି ସରପଞ୍ଚ ମନୋରଞ୍ଜନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ସମସ୍ତ ହିତାଧିକାରୀଙ୍କୁ ଯଥାଶୀଘ୍ର ଭତ୍ତା ଟଙ୍କା ପ୍ରଦାନ କରାଯାଉ ବୋଲି ଦାବି କରି ଉଦବୋଧନ ଦେଇଥିଲେ। ସରକାର ଯଦି ଏନେଇ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଗଞ୍ଜାମ ଜିଲା ସରପଞ୍ଚ ସଂଘ ପକ୍ଷରୁ ଜନଆନ୍ଦୋଳନ କରାଯିବାକୁ ଚେତାବନୀ ଦେଇଛନ୍ତି। ଧାରଣାସ୍ଥଳରେ ସରପଞ୍ଚ ରବିନ୍ଦ୍ରନାଥ ପଲାଇ, ମିନତୀ କୁମାରୀ ଦାସ , ଅମୀୟ ମାହୁନ୍ତ , ସୁଜତା ପଣ୍ଡା , ବର୍ଷା ସେଠୀ, ମିନତୀ ସେଠୀ, କାହ୍ନୁଚରଣ ରାଉତ, କୃଷ୍ଣଚନ୍ଦ୍ର ଭାଉଲ, ସୁବାଷ ଗୌଡ, ବିଜୟ ବେହେରା, ଅନୀଲ ପରିଡ଼ା, ସୁରଜ୍ ଭାଉଲଙ୍କ ସମେତ ସରପଞ୍ଚ ପ୍ରତିନିଧି ପିଣ୍ଟୁ ସେଠୀ ପ୍ରମୁଖ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ରାଜ୍ୟସ୍ତରରେ ବେଲଗୁଣ୍ଠାର 'ଦଣ୍ଡ ନାଟ' ଓ 'ଘଟ କଳସ' ପରିବେଷିତ

ବେଲଗୁଣ୍ଠା, ୯।୬(ସମିସ): ଲୋକକଳାର ଓ ସଂସ୍କୃତିର ଏକ୍ତୁଡ଼ିଶାଳ ବେଲଗୁଣ୍ଠା ସହରର ପାରମ୍ପରିକ ଦଣ୍ଡ ନାଚ ଓ ଘଟ କଳସ କୋଠି ଶାଳ ନୃତ୍ୟ ରାଜ୍ୟସ୍ତରୀୟ ମଞ୍ଚରେ ପରିବେଷଣ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ଖାରବେଳ ନଗର ସ୍ଥିତ ଭାରତୀୟ ବିଦ୍ୟା ଭବନ କେନ୍ଦ୍ରର 'ମୁକ୍ତ ମଞ୍ଚ'ଠାରେ ଭାରତୀୟ ବିଦ୍ୟା ଭବନ ଏବଂ ଇନଫୋସିସ୍ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ସାଂସ୍କୃତିକ ପ୍ରସାର କାର୍ଯ୍ୟକ୍ରମର ୧୯୬ତମ ଅଧ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ ସନ୍ଧ୍ୟାରେ ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠାର 'ନେହେରୁ ମହିଳା ସମିତିର କଳାକାରମାନଙ୍କ ଦ୍ୱାରା ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ 'ଦଣ୍ଡ ନାଟ' ଏବଂ 'ଘଟ କଳସ' ବା 'ମଙ୍ଗଳା ନାଟ' ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା ଯୋଗ ଦେଇ କଳାକାରଙ୍କୁ ଉତ୍ସାହିତ କରିବା ସହ ଓଡ଼ିଶାର ଲୋକକଳାର ସମୃଦ୍ଧି ଉପରେ ଆଲୋକପାତ କରିଥିଲେ। ଭାରତୀୟ ବିଦ୍ୟା ଭବନର ପ୍ରୋଗ୍ରାମ ଅଫିସର ତଥା ବିଶିଷ୍ଟ ନାଟ୍ୟକାର ମନ୍ମଥ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନେହେରୁ ମହିଳା ସମିତିର ସମ୍ପାଦିକା ଟି. ବବିତା କୁମାରୀ ଏବଂ ଉପ-ସଭାପତି ଟି. ସ୍ୱପ୍ନା ବିନ୍ଧାଣୀରାଙ୍କ ନେତୃତ୍ୱରେ କଳାକାରା ମଞ୍ଚରେ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ସମିତି ପକ୍ଷରୁ ପରିବେଷିତ ଦଣ୍ଡ ନାଟ (ଧୂଳି ଦଣ୍ଡ ଓ ଅଗ୍ନି ଦଣ୍ଡରେ ଢୋଲିଆ ଭାବେ ଶତ୍ରୁଘ୍ନ ନାୟକ, ଶଙ୍କର ନାୟକ ଓ ନବଘନ ନାୟକ ସହଯୋଗ କରିଥିବା ବେଳେ ପ୍ରଭା ନାଟରେ ଶିବ ପାତ୍ର, ଅଗ୍ନି ଦଣ୍ଡ ଖେଳରେ ଉଜ୍ଜ୍ୱଳ ଦଳେଇ ଓ ଶିବ ପାତ୍ର ଏବଂ ବୀଣାକାର ଭାବେ ମହେଶ୍ୱର ବେହେରା ନିଜର କଳା ପ୍ରଦର୍ଶନ କରିଥିଲେ। ଚଢେୟା ଭାବେ ଗନ୍ଧର୍ବ ପରିଡ଼ା ଏବଂ ଚଢେୟାଣୀ ଭାବେ ଭୀମ ପାତ୍ର ନୃତ୍ୟ ପରିବେଷଣ କରିଥିଲେ। ଘଟ କଳସ ଓ ମଙ୍ଗଳା ନାଚରେ ଗାୟକ କାହ୍ନୁ ପାତ୍ର ଏବଂ ନୃତ୍ୟକାର ନାରାୟଣ ନାୟକ, ସନ୍ତୋଷ ପାତ୍ର ଓ ସୋନାଲି ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ବେଲଗୁଣ୍ଠା ତରୁଣ କଳାକାର ସଂଘର ସଂଗଠକ ସିଏଚ ଲିଙ୍ଗରାଜ ପାତ୍ର, ସମ୍ପାଦକ ଡି. ଗଗନ ବିହାରୀ ବିନ୍ଧାଣିରା ଏବଂ ଉପସଭାପତି ଚିନ୍ନ ମହେନ୍ଦ୍ର କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ରାଜଧାନୀ ବୁଦ୍ଧିଜୀବୀ ତଥା କଳାପ୍ରେମୀଙ୍କ ଗହଣରେ ଏହି ପାରମ୍ପରିକ ଲୋକନୃତ୍ୟ ଉଚ୍ଚ ପ୍ରଶଂସିତ ହୋଇଥିବା ବେଳେ ପୂର୍ବରୁ ମଧ ଚିନ୍ନ ମହେନ୍ଦ୍ର କୁମାର ପାତ୍ରଙ୍କ ନେତୃତ୍ୱରେ ବେଲଗୁଣ୍ଠାର ପ୍ରସିଦ୍ଧ ମଣିଷ ବାଘ ନୃତ୍ୟ ଏହି ମଞ୍ଚରେ ପରିବେଷଣ କରାଯାଇ ବେଶ୍ ଆଦୃତ ହୋଇଛି।

# ବେଆଇନ ଭାବେ ନିର୍ମିତ କୋଠା ଭଙ୍ଗାଯିବାରୁ ଗ୍ରାମରେ ଉତ୍ତେଜନା

ଆସିକା, ୯।୬(ସମିସ): ଆସିକା ଥାନା ମଙ୍ଗଳପୁର ଗ୍ରାମରେ ସରକାରୀ ଜାଗାରେ ଗଢି ଉଠିଥିବା ବେଆଇନ କୋଠା ଭଙ୍ଗାଯିବା ସମୟରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅପ୍ରୀତିକର ପରିସ୍ଥିତି ଉପୁଜିବା ସମ୍ଭାବନା ଯୋଗୁଁ ଗୋଟିଏ ଫୋର୍ସ ଶସସ୍ତ୍ର ପୋଲିସ ମୁତୟନ ରହିଛନ୍ତି। ଯେଉଁ ସରକାରୀ ସ୍ଥାନରେ ଗଢି ଉଠିଛି କୋଠା ସେଥିରେ ବିଭିନ୍ନ ବ୍ୟବସାୟ ଅନୁଷ୍ଠାନ ରହିଛି।ତାହାରି ମଧ୍ୟରେ ରହିଛି ଗୋଟିଏ ମଦ ଦୋକାନ। ସେହି ଦୋକାନ ଗୃହଟିକୁ ପଟ୍ଟା ମିଳିଥିବାରୁ ତାକୁ ଭାଙ୍ଗୁନି ପ୍ରଶାସନ। ତେଣୁ ଉତେଜନା ଚାଲିଛି। ସୂଚନା ଥାଉ କି ଗାଁର ମଝି ଦାଣ୍ଡରେ ୧୬ ଜଣ ସରକାରୀ ଜମି ଉପରେ ଘର କରିଥିଲେ। ତେଣୁ ରୋଡ଼ ସମ୍ପ୍ରସାରଣ ପାଇଁ ତହସିଲ ପକ୍ଷରୁ ନୋଟିସ ହୋଇଥିଲା। ସେଥିମଧ୍ୟରୁ ୭ ଜଣଙ୍କ ଘର ଆଜି ଭଙ୍ଗା ଯାଇଛି। ଅନ୍ୟମାନଙ୍କ ଘର ବି ଆଗାମୀ ଦିନରେ ଭଙ୍ଗା ଯିବ। ହେଲେ ସେହି ସରକାରି ଜମି ଉପରେ ଜଣେ ବ୍ୟକ୍ତି ବେଆଇନ ମଦ ଦୋକାନ କରି ବିକ୍ରି କରୁଛି ଆଉ ତାକୁ ସରକାରୀ ଜମି ଉପରେ ଘର କରିବା ପାଇଁ ପଟା ବି ମିଳିଥିବା ଖବର ଗାଁ ଲୋକେ ଜାଣିବା ପରେ ପ୍ରତିବାଦ କରିଛନ୍ତି। ଲୋକଙ୍କ ଅଭିଯୋଗ ସମାନ ଜାଗାରେ ଥିବା ମଦ ଦୋକାନକୁ ପଟା ଦେଲା କିଏ। ତେଣୁ ସରକାରୀ ଜମିରେ ଥିବା ସେହି ମଦ ଦୋକାନକୁ ବି ଭଙ୍ଗା ଯାଉ ବୋଲି ଗ୍ରାମ ବସିମାନେ ଦାବି କରୁଛନ୍ତି।



## ଖଲ୍ଲିକୋଟରେ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

# ୧୧୧ ଅଭିଯୋଗ ଶୁଣାଣି, ରେଡ୍‌କ୍ରସ ପାଣ୍ଠିରୁ ଲକ୍ଷେ କୋଡ଼ିଏ ହଜାର ସହାୟତା

ଖଲ୍ଲିକୋଟ, ୯।୬(ସମିସ)



ଖଲ୍ଲିକୋଟରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲାପାଳ ଅନୁପସ୍ଥିତ ଥିବା ବେଳେ ଉପଜିଲ୍ଲାପାଳ ଶିବାଶିଷ ବରାଳ, ଗଞ୍ଜାମ ଏସପି ହରିଶା ବିଶି, ପିଡି ସମୀର କୁମାର ଜେନା, ଏଡିଏମ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୧୧ ଅଭିଯୋଗ ଆସିଥିବା ବେଳେ ସେଥି ମଧ୍ୟରୁ ବ୍ୟକ୍ତିଗତ ଭାବେ ୮୯ଟି ଅଭିଯୋଗ ଆସିଥିଲା। କୈରାଶି ଛକ ଠାରୁ ଶାଳବଣ ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାସ୍ତା ମରାମତି ପାଇଁ କୌଣସି ପଦକ୍ଷେପ ନିଆ ଯାଉ ନ ଥିବାରୁ ଆଜି ପ୍ରବଳ ଅସନ୍ତୋଷ ଦେଖା ଦେଇଥିଲା। ଏହି ରାସ୍ତାଟି ବର୍ତ୍ତମାନ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ରେ ଥିବା ବେଳେ ଏହା ଖୁବଶୀଘ୍ର ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପାଇଁ ପ୍ରକ୍ରିୟା ଚାଲିଛି। କୈରାଶି ପଂଚାୟତ ର ସରପଞ୍ଚ ପ୍ରତିନିଧି ସନ୍ତୋଷ ରାଉତ ଓ ପୂର୍ବତନ ସରପଞ୍ଚ ଅଜୟ କୁମାର ପଣ୍ଡା ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏ ସମ୍ପର୍କ ରେ ପଚାରିବା ସହିତ ଦୀର୍ଘ ଦିନ ଧରି ଏହି ରାସ୍ତା ସମ୍ପର୍କ ରେ ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ନିଆ ଯାଉ ନ ଥିବାରୁ ଅସନ୍ତୋଷ ଝାଡ଼ି ଥିଲେ। ପ୍ରଭୁ ଚନ୍ଦ୍ରଶେଖର, ଦୁର୍ଗାଦେବୀ ଓ ଗୋପୀନାଥ ସ୍ୱାମୀଙ୍କ ଜାଗାଗୁଡିକୁ ବିଭିନ୍ନ ପ୍ରଭାବଶାଳୀ ବ୍ୟକ୍ତି ଜବର ଦଖଲ କରି ରଖିଥିବା, ଏମିତିକି ଜଣେ ବ୍ୟକ୍ତି କିଛି ଜାଗାକୁ ନିଜ ନାମ ରେ ପଟ୍ଟା କରି ଦେଇଥିବା ଅଭିଯୋଗ କରିଛନ୍ତି ଲୋଂଘର ଶ୍ରୀକୃଷ୍ଣ ଶରଣ ପୁର ଗ୍ରାମବାସୀ। ତୁରନ୍ତ ଏ ସମ୍ପର୍କ ରେ ତଦନ୍ତ କରି ମନ୍ଦିର ଜାଗା ଗୁଡିକୁ ଜବର ଦଖଲ ମୁକ୍ତ କରିବା ଏବଂ ପଟ୍ଟା ପାଇଥିବା ବ୍ୟକ୍ତିଙ୍କ ପଟ୍ଟାକୁ ବାତିଲ କରି ମନ୍ଦିର ଖାତାକୁ ଫେରାଇ ଆଣିବାକୁ ସେମାନେ ଦାବି କରିଛନ୍ତି। ଏହି ଶିବିରରେ ୩ ଜଣ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ଓ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରା ଯାଇଥିବା ବେଳେ ବିଭିନ୍ନ ପୀଡିତ ବ୍ୟକ୍ତିଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧ ଲକ୍ଷ ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଶିବିରରେ ବିଡ଼ିଓ ଦେବାଶିଷ ସାମଲ, ତହସିଲଦାର ଡି. ମାଲେଶ୍ୱର ପାତ୍ର, ମେଡିକାଲ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗନ୍ତାୟତ, ଏନଏସିର ନିର୍ବାହୀ ଅଧିକାରୀ ସନ୍ଦୀପ ଖାଡ଼ଙ୍ଗାଙ୍କ ସହିତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ସକାଳ
THE SAKALA



## ଜଳବନ୍ଦୀ ଘେରରେ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ବାସିନ୍ଦା

# ଦୂଷିତ ଜଳ ନିଷ୍କାସନ ଦାବିରେ ରାସ୍ତାରୋକ

ଦିଗପହଣ୍ଡି, ୯।୬(ସମିସ)



ଦିଗପହଣ୍ଡି ମୁଖ୍ୟ ରାସ୍ତାରେ ବର୍ଷାପାଣି ସାଙ୍ଗକୁ ନାଳ ନର୍ଦ୍ଦମାର ଦୂଷିତ ପାଣି ନିଷ୍କାସନ ହୋଇନପାରି ରାସ୍ତାର ଉଭୟ ପାର୍ଶ୍ୱରେ ଜମି ରହିଥିବା ଜଣାପଡିଛି। ସୋମବାର ସନ୍ଧ୍ୟାର ପ୍ରବଳ ବର୍ଷା ଯୋଗୁଁ ମଙ୍ଗଳବାର ସକାଳ ସୁଦ୍ଧା ୩ ଫୁଟ ଉଚ୍ଚରେ ନାଳ ନର୍ଦ୍ଦମାର ଦୂଷିତ ପାଣି ଜମି ରହିବା ଫଳରେ ସ୍ଥାନୀୟ ବାସିନ୍ଦା ଜଳବନ୍ଦୀ ଘେରରେ ରହିଛନ୍ତି। ଯାହାକୁ ନେଇ ସକାଳୁ ସ୍ଥାନୀୟ ଲୋକେ ମୁଖ୍ୟରାସ୍ତାରୁ ଜଳ ନିଷ୍କାସନ ଦାବିରେ ୪ ଘଣ୍ଟା ଧରି ରାସ୍ତାରୋକ କରିଥିଲେ। ଫଳରେ ଦିଗପହଣ୍ଡି ବସଷ୍ଟାଣ୍ଡର ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଥିଲା। ଏହି ରାସ୍ତାରୋକ ଫଳରେ ଦିଗପହଣ୍ଡିରୁ ବ୍ରହ୍ମପୁର ଏବଂ ଗଜପତି ଓ ରାୟଗଡାକୁ ଯାତ୍ରୀବାହୀ ବସ୍‌ରେ ଯାତାୟାତ କରୁଥିବା ଯାତ୍ରୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦିଗପହଣ୍ଡି ସହର ବାଣିଜ୍ୟର ଏକ ପ୍ରମୁଖ ପେଣ୍ଠସ୍ଥଳୀ ହୋଇଥିବା ବେଳେ ରାତି ପାହିଲେ ଏଠାକୁ ଦିଗପହଣ୍ଡି ସମେତ ଆଖପାଖ ସ୍ଥାନରୁ ଲୋକମାନେ ବ୍ୟବସାୟ କରିବାକୁ ଆସିଥାନ୍ତି। ଏଥିସହ ବସଷ୍ଟାଣ୍ଡର ଉଭୟ ପାର୍ଶ୍ୱରେ ଗ୍ରାହକଙ୍କ ସେବା ନିମନ୍ତେ ବିଭିନ୍ନ ବ୍ୟାଙ୍କ , ଏଟିଏମ୍ ଏବଂ ଛାତ୍ରୀଛାତ୍ରଙ୍କ ତାଲିମ ନିମନ୍ତେ କମ୍ପୁଟର ଶିକ୍ଷାକେନ୍ଦ୍ର ରହିଅଛି। ପୂର୍ବରୁ ମଧ୍ୟ ଏଠାରେ ସାମାନ୍ୟ ବର୍ଷା ହେଲେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିଥିଲା। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଏହାର ସମାଧାନ ପାଇଁ ସ୍ଥାନୀୟ ତହସିଲଦାର ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରି ଏହାର ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ। କିନ୍ତୁ ଆଜକୁ ଏକ ମାସ ପୂର୍ତ୍ତି ହୋଇଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସମାଧାନ ଦିଗରେ ଗୁରୁତ୍ୱାରୋପ ଦିଆଯାଇନଥିଲା। ସୋମବାର ଦିଗପହଣ୍ଡି ଅଞ୍ଚଳରେ ଦୀର୍ଘ ୧ ଘଣ୍ଟା ଧରି ମୂଷଳ ଧାରାରେ ବର୍ଷା ହୋଇଥିଲା । ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବର୍ଷାଜଳ ଓ ରାସ୍ତାକଡ ନର୍ଦ୍ଦମା ପାଣି ଘର ଓ ଦୋକାନ ମାନଙ୍କରେ ପଶିବା ସହ ରାସ୍ତାରେ ୩ ଫୁଟ ଉଚ୍ଚତାରେ ପାଣି ଜମି ଲହଡ଼ି ଭାଙ୍ଗିଥିଲା । ଏହାର ପ୍ରତିବାଦରେ ୧୦ ନଂ ୱାର୍ଡ କାଉନସିଲର ଦୀପକ ମିଶ୍ରଙ୍କ ନେତୃତ୍ୱରେ ଜଳର ସ୍ଥାୟୀ ନିଷ୍କାସନ ଦାବିରେ ମଙ୍ଗଳବାର ପୂର୍ବାହ୍ନ ୮ ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଏନଏସି କାଉନସିଲର ନୀଳମାଧବ ଗୌଡ଼, ସୁଶାନ୍ତ ପାତ୍ର, ଶଙ୍କର ମହାରଣା, ବୈକୁଣ୍ଠ ନାଥ ସ୍ୱାଇଁ, ଇ. ସୀମାଦ୍ରିଙ୍କ ସମେତ ସ୍ଥାନୀୟ ବାସିନ୍ଦା ଏକତ୍ରିତ ହୋଇ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ଦିଗପହଣ୍ଡି ପୋଲିସ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଆନ୍‌ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସନ୍ଧ୍ୟା ସୁଦ୍ଧା ପ୍ରଶାସନ ପକ୍ଷରୁ ଦୂଷିତ ଜଳ ନିଷ୍କାସନ କରାଯିବ ଏବଂ ପରେ ସ୍ଥାୟୀ ପଦକ୍ଷେପ ସ୍ୱରୂପ ବିଶେଷଜ୍ଞ ଟିମ୍ ଜରିଆରେ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇ ସମସ୍ୟାର ସ୍ଥାୟୀ ସମାଧାନ କରାଯିବାର ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକ ପ୍ରତ୍ୟାହୃତ କରାଯାଇଥିଲା। ଅପରାହ୍ନରେ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ଏବଂ ସନ୍ଧ୍ୟାରେ ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ ପାଣିଗ୍ରାହୀ ଦିଗପହଣ୍ଡି ବସଷ୍ଟାଣ୍ଡରେ ପହଞ୍ଚି ସେଠାକାର ସ୍ଥିତିକୁ ନିରୀକ୍ଷଣ କରି ଦୂଷିତ ଜଳ କିପରି ନିଷ୍କାସିତ ହୋଇପାରିବ ସେ ନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନଙ୍କ ସହ ଆଲୋଚନା କରି ଫେରିଥିବା ଜଣାପଡ଼ିଛି ।

## ଅଭିଯୋଗ ଓ ସ୍ଥିତି ଜାଣିବା ପାଇଁ କ୍ୟୁଆର କୋଡ୍ ଉନ୍ମୋଚନ



**ଛତ୍ରପୁର ୯।୬(ସମିସ):** ଦିନକୁ ଦିନ ଆଧୁନିକତା ସାଙ୍ଗକୁ ତାଳ ଦେଇ ବଦଳୁଛି ସରକାରୀ ପଦ୍ଧତି। ଗଞ୍ଜାମ ଜିଲ୍ଲାର ଛତ୍ରପୁର ମୁନିସିପାଲିଟିର ନାଗରିକ ମାନଙ୍କ ବିଭିନ୍ନ ଅଭିଯୋଗ ଓ ତାର ସମାଧାନ ପ୍ରକ୍ରିୟାକୁ ଅତି ସରଳ କରିବା ଏବଂ ନାଗରିକ ମାନଙ୍କୁ ସହଜରେ ସରକାରୀ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ମଙ୍ଗଳବାର ଏକ କ୍ୟୁଆର କୋଡ଼କୁ ଛତ୍ରପୁର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଉଦଘାଟନ କରାଯାଇଛି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଓ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସମୀର କୁମାର ଜେନା ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଛତ୍ରପୁର ପୌର ପରିଷଦକୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକେ ଏଣିକି ଆଉ କୌଣସି ଅଧିକାରୀଙ୍କ ପାଖକୁ ନିଜ ନିଜ ଅଭିଯୋଗ ନେଇ ଯିବାର ଆବଶ୍ୟକତା ନାହିଁ, ଏହି କ୍ୟୁଆର କୋଡ଼ କୁ ନିଜ ମୋବାଇଲରେ ସ୍କାନ କରି ନିଜ ନିଜ ଅଭିଯୋଗର ସମ୍ପୂର୍ଣ୍ଣ ବିବରଣୀ ଦେଇପାରିବେ। ଖାଲି ସେତିକି ନୁହେଁ ଅଭିଯୋଗ ପରେ ଉକ୍ତ ଅଭିଯୋଗର କଣ ସ୍ଥିତି ରହିଛି ସେନେଇ ମଧ୍ୟ ଅଭିଯୋଗକାରୀ ଅତି ସହଜରେ ଜାଣିପାରିବେ ବୋଲି ସେ କହିଥିଲେ। ପୌର ପରିଷଦର ବିଭିନ୍ନ ୱାର୍ଡରେ ଷ୍ଟ୍ରିଟ ଲାଇଟର ସମସ୍ୟା ହେଉ କିମ୍ବା ନାଳ ନର୍‌ଦମାର ସମସ୍ୟା ହେଉ ସବୁ ସମସ୍ୟା କୁ ନିଜ ନିଜ ମୋବାଇଲ ମାଧ୍ୟମରେ ଅଭିଯୋଗର ସମାଧାନ ଅତି ଖୁବ ଶୀଘ୍ର ହୋଇପାରିବ ବୋଲି ମଧ୍ୟ ବିଧାୟକ କହିଛନ୍ତି। ଏହି କ୍ୟୁଆର ଉଦଘାଟନ କାର୍ଯ୍ୟକ୍ରମ ରେ ଛତ୍ରପୁର ପୌର ପରିଷଦର ବହୁ କାଉନସିଲର, ଛତ୍ରପୁର ମୁନିସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ସମେତ ବହୁ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

### ଜଗା ଦର୍ଶନରୁ ଫେରିବା ବେଳେ ଦୁର୍ଘଟଣା

## କାର୍ ଚୁରମାର୍; ୪ ଗୁରୁତର

**ପୋଲସରା, ୯।୬(ସମିସ):** ଗଞ୍ଜାମ ଜିଲ୍ଲା ପୋଲସରା ଥାନା ମଥୁରା ନିକଟରେ ପୁଣି ଏକ ମର୍ମାହନ୍ତ ସଡକ ଦୁର୍ଘଟଣା ଘଟିଛି। ଜାଗାଦର୍ଶନ ସାରି ପୁରୀରୁ ବୁଗୁଡା ଫେରୁଥିବା ବେଳେ ମଥୁରା ଓ ଉପ୍ପାପଡା ମଝିରେ ଏକ ବ୍ରିଜ ନିକଟରେ ଏକ ଏର୍ଟିଗା କାର ଭାରସ୍ୟାମ ହରାଇ ଏକ ଖଜୁରୀ ଗଛକୁ ପିଟିହୋଇଥିବା ଜଣାପଡିଛି। ଦୁର୍ଘଟଣା ସମୟରେ କାର୍ ବସିଥିବା ବୁଗୁଡା ଥାନା ଅଞ୍ଚଳର ୪ ଜଣ ଗୁରୁତର ଆହତ ହୋଇ ପ୍ରଥମେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ଆହତ ମାନେ ହେଲେ ଡ୍ରାଇଭର ମାନସ ରଞ୍ଜନ ରାଉତ (୩୫), ସୁନୀତା ରାଉତ (୫୫), ସୌଦାମିନୀ ତରାଇ (୫୦) ଓ ସୁମନ ନାୟକ (୨୬) । ସୂଚନା ମୁତାବକ ସୋମବାର ବିଳମ୍ବିତ ରାତିରେ ପୁରୀରୁ ନିଜ ଗାଁ ବୁଗୁଡ଼ା ଫେରୁଥିବା ବେଳେ ମଥୁରା ଠାରୁ ଉପ୍ପାପଡାର ଅନ୍ଧାର ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଟି ଏତେ ଭୟଙ୍କର ଥିଲା ଯେ ଗାଡ଼ିରେ ଥିବା ସମସ୍ତ ଏୟାର ବ୍ୟାଗ ବାହାରି ଯାଇଥିଲା। ଏବଂ ଗାଡିଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଚୁରମାର ହୋଇଯାଇଛି। ଖବର ପାଇ ପୋଲସରା ଅଗ୍ନିଶମ ବିଭାଗର କର୍ମଚାରୀ ଗୁରୁତର ୪ ଜଣ ଆହାତ ଙ୍କୁ



ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ପ୍ରାର୍ଥମିକ ଚିକିତ୍ସା କରାଯାଇଥିଲେ। ଘଟଣା ସ୍ଥଳରେ ପୋଲସରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୋଲସରା ଥାନାକୁ ଆଣି ଦୁର୍ଘଟଣାର ପ୍ରମୁଖ ଦିଗଗୁଡ଼ିକୁ ଯାଞ୍ଚ କରୁ ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ କୌଶିକ୍ ମାଝୀ ସୂଚନା ପ୍ରଦାନ କରିଛନ୍ତି। ପ୍ରକାଶ ଯେ ବୁଡ଼ାମ୍ବ ଠାରୁ ପୋଲସରା ମଧ୍ୟରେ ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ଘଟୁଛି। ଏବଂ ଦୁଇଦିନ ପୂର୍ବରୁ ବର୍ତ୍ତମାନ ଘଟିଥିବା ଦୁର୍ଘଟଣାସ୍ଥଳରେ ସାମାନ ଢଙ୍ଗରେ ଏକ ଦୁର୍ଘଟଣା ଘଟିଥିଲା ଏବଂ ସମସ୍ତ ଆହତ ବୁଗୁଡ଼ା ଅଞ୍ଚଳର ହୋଇଥିବା ବେଳେ ପୁରୀରୁ ବୁଗୁଡ଼ା ଫେରୁଥିବା ବେଳେ ଏକ ଘରକୁ ଧକ୍କା ଦେଇ ୧୦ ଜଣ ଆହତ ହୋଇଥିଲେ।

## ଜି ଉଦୟଗିରିରେ ୬୧ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

**ଜି. ଉଦୟଗିରି, ୯।୬(ସମିସ):** ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟ ନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ରେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଯୋଗ ଦେଇ ମୋଟ ୬୧ଟି ଅଭିଯୋଗ ଶୁଣି ଥିଲେ। ସେଥିମଧ୍ୟରୁ ଗ୍ରାମୀଣ ଘର ୮ ଟି, ଉନ୍ନୟନ ବିଭାଗୀୟ ସମ୍ବନ୍ଧୀୟ ୭ ଟି, ବାର୍ଦ୍ଧକ୍ୟ ଭତ୍ତା ସମ୍ବନ୍ଧୀୟ ୪ ଟି, ଜମିଜମା ସମ୍ବନ୍ଧୀୟ ୧୨ ଟି, ଅନ୍ୟାନ୍ୟ ୧୪ ଟି, ରାସନ୍ କାର୍ଡ ୩ଟି ଜଳ ସମସ୍ୟା ୪ ଟି, ସ୍ୱାସ୍ଥ୍ୟ ସମସ୍ୟା ୪ ଟି, ଅବକାରୀ ସମସ୍ୟା ୧ ଟି ଓ ରାସ୍ତା ସମସ୍ୟା ୪ ଟି ଏହିପରି ମୋଟ ୬୧ଟି ଅଭିଯୋଗର ଶୁଣାଣି କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପେନସନ ଆଇଏସ ଶ୍ରବଣ ସିଂ ଉପଜିଲ୍ଲାପାଳ ପ୍ରଣିତା ଦାସ ସମନ୍ୱିତ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ କୃପା ସିନ୍ଧୁ ବେହେରା ତହସିଲଦାର ସମୁଦ୍ର ମିଶ୍ର ଉପଖଣ୍ଡ ପୋଲିସ ଅଧିକାରୀ ଏ ଶିବ ରେଡ୍ଡୀ ମଞ୍ଚାସୀନ ଥିବା ବେଳେ ସମସ୍ତ ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିଲ ନାୟକ ପରିଚାଳନା କରିଥିଲେ।

## ଗାଲେରୀ ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଭାର ଗ୍ରହଣ



**ଭଞ୍ଜନଗର, ୯।୬(ସମିସ):** ସ୍ଥାନୀୟ ଗାଲେରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଶ୍ରୀ ଉମାକାନ୍ତ ନାହାକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଭଞ୍ଜନଗର ସ୍ଥିତ ପିଏମଶ୍ରୀ ଉପେନ୍ଦ୍ରଭଞ୍ଜ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଦୀର୍ଘ ୨୦ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ। ଗତ ୨ ତାରିଖରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଆଦେଶ ଅନୁସାରେ ପଦୋନ୍ନତି ପାଇ ଗାଲେରୀ ଉଚ୍ଚ ବିଦ୍ୟାଳୟରେ ସେ ଅବସ୍ଥାପିତ ହୋଇଥିଲେ। ଉମାକାନ୍ତ ନାହାକ ଜଣେ କର୍ତ୍ତବ୍ୟନିଷ୍ଠ ଓ ନିର୍ଭୀକ ବ୍ୟକ୍ତିତ୍ୱ ଭାବେ ଗଞ୍ଜାମ ଜିଲ୍ଲା ଶିକ୍ଷକ ମହଲରେ ବେଶ୍ ଆଦୃତ। ସେ ଦାୟିତ୍ୱ ଗ୍ରହଣ କରିବା ପରେ ଗାଲେରୀ ଅଞ୍ଚଳର ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଗାଲେରୀ ଉଚ୍ଚ ବିଦ୍ୟାଳୟ ଗଞ୍ଜାମ ଜିଲ୍ଲାର ଅନ୍ୟତମ ପୁରାତନ ବିଦ୍ୟାଳୟ। ଉପାନ୍ତ ଅଞ୍ଚଳରେ ଅବସ୍ଥିତ ହେଲେ ସୁଦ୍ଧା ବହୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ବିଦ୍ୟାଳୟ ତିଆରି କରିଛି। ଘରଚ ୨୦୨୦ ଅନୁସାରେ ଶିକ୍ଷାର ଗୁଣବତ୍ତାକୁ ସୁନିଶ୍ଚିତ କରିବା ଓ ବିଦ୍ୟାଳୟ ପରିବେଶ ସ୍ୱଚ୍ଛତା ମୋର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ପ୍ରଧାନ ଶିକ୍ଷକ ଭାବେ ସେ ନିଜର ପ୍ରଥମ ପ୍ରତିକ୍ରିୟା ରଖିଛନ୍ତି। କାର୍ଯ୍ୟଭାର ଗ୍ରହଣ ସମୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆଦିତ୍ୟ ପ୍ରସାଦ ତ୍ରିପାଠୀ, ଉଷାରାଣୀ ସାମନ୍ତ ଓ ସୁବାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ କାର୍ଯ୍ୟଭାର ଗ୍ରହଣ ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଗାମ୍ବର ପ୍ରଧାନ, ସନ୍ତୋଷ କୁମାର ଜେନା, ପ୍ରଧାନ ଶିକ୍ଷକ ଗୌରୀନନ୍ଦନ ହୋତା, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କେଦାରନାଥ ସେଠୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ସୋରଡ଼ା ଏନଏସିର ଅଷ୍ଟାଦଶତମ ସାଧାରଣ ବୈଠକ

**ସୋରଡ଼ା, ୯।୬(ସମିସ):** ସୋରଡା ସହରାଞ୍ଚଳ ବିକାଶ ପରିଷଦର ଅଷ୍ଟାଦଶ ତମ ସାଧାରଣ ବୈଠକ କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀଯୁକ୍ତ ନୀଳମଣି ବିଷୋୟୀ, ପରିଷଦର ଅଧକ୍ଷ ଶିବ ଶଙ୍କର ପଣ୍ଡା, ସମସ୍ତ ୱାର୍ଡ ସଭ୍ୟ ଓ ସଭ୍ୟା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କ ସହିତ ଏନ ଏ ସିର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଏନଏସିର ସଭାଭବନରେ ଆୟୋଜନ କରଯାଇଥିବା ସଭାରେ ବିଭିନ୍ନ ଉର୍ଣ୍ଣାୟନ କାର୍ଯ୍ୟର ଅଗ୍ରଗତି ତଥା ସମୀକ୍ଷା କରାଯାଇଛି। ସହରାଞ୍ଚଳର ଉର୍ଣ୍ଣତି ପାଇଁ ନୂତନ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ସହିତ ବିଧାୟକ ବିଭିନ୍ନ ସେବାର ଉପଲବ୍ଧ କରାଇବା ନେଇ ଆଲୋଚନା ସହିତ ପ୍ରାଥମିକ ପର୍ଯ୍ୟାୟରେ ଓ ଆର ଏସ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କମ



ମୂଲ୍ୟରେ ବ୍ୟବସ୍ଥା ଯାହାକି ବହୁ ଦିନର ପାନୀୟ ଜଳ ସମସ୍ୟା ସୋରଡା ବାସୀଙ୍କ ଦୂର ନେଇ ଆଲୋଚନା କରିଥିଲେ। ଏହି ସମସ୍ୟା ଦୂର ହେତୁ ଆଜି ୬ ନଂ ୱାର୍ଡ କାଉନସିଲର କାଜଲ ପ୍ରଧାନ ଖୁସି ବ୍ୟକ୍ତ କରିଥିଲେ। ସେହିପରି ୮ ନଂ କାଉନସିଲର ରଜନୀକାନ୍ତ ମହାପାତ୍ର ବିଭିନ୍ନ ଉର୍ଣ୍ଣତି ମୂଳକ କାର୍ଯ୍ୟର ପର୍ଯ୍ୟାଲୋଚନା କରି ଲୋକାଭିମୁଖୀ ଦୀର୍ଘ ମିଆଦୀ ଯୋଜନାର ସଫଳ କାର୍ଯ୍ୟକାରୀ ନେଇ ଯୁକ୍ତି ରଖିଥିଲେ। ଅନୁରୂପ ଭାବେ ସମସ୍ତ କାଉନସିଲର ଆଜି ନିଜ ନିଜର ସମସ୍ୟା ବିଷୟରେ ବିସ୍ତୃତ ବିବରଣୀ ସହ ଏହି ଅବସରରେ ୬୬ ଜଣ ବିଧବା, ଅସହାୟ ମହିଳା ଏବଂ ବୃଦ୍ଧ ବୃଦ୍ଧାଙ୍କୁ ନୂତନ ଭତ୍ତା ପ୍ରଦାନ କରିଥିଲେ। ଅଧକ୍ଷ ନିଜେ ସଭାକୁ ସୁ ପରିଚାଳନା କରିଥିବା ବେଳେ ନିର୍ବାହୀ ଅଧିକାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆସିକା ଚିନିଶିଳ୍ପରେ ଶ୍ରମିକଙ୍କ ଧାରଣା

**ଆସିକା, ୯।୬ (ସମିସ):** ବିନା ନୋଟିସ୍‌ରେ ଛଟେଇ ପ୍ରତିବାଦରେ ଆଜି ଆସିକା ଚିନିଶିଳ୍ପରେ ୭୦ରୁ ଉର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ ଧାରଣା ଦେଇଛନ୍ତି। କର୍ମଚାରୀମାନେ



ଚିନିଶିଳ୍ପ ମୁଖ୍ୟ ପରିଚାଳକଙ୍କ ଫାଟକ ସମ୍ମୁଖରେ ଧାରଣାରେ ବସିବା ସହ ସେମାନଙ୍କୁ ପୁନଃ ଥଇଥାନ କରିବାକୁ ଦାବି କରିଥିଲେ। ଅପରପକ୍ଷେ, କର୍ତ୍ତୃପକ୍ଷଙ୍କ ଏପରି କାର୍ଯ୍ୟକୁ ଶ୍ରମିକ ସଂଘ ନିନ୍ଦା କରିଛି। ଏହି ଧାରଣାରେ ସଂଘର ଉପ-ସଭାପତି କୈଳାସ ପଟ୍ଟନାୟକ, ସମ୍ପାଦକ ଦାମୋଦର ସିଅ, କୋଷାଧକ୍ଷ କୈଳାସ ଗୌଡ଼, ଯୁଗ୍ମ ସମ୍ପାଦକ ନାଗେଶ୍ୱର୍ ରାଓ, ଭଗବାନ ବେହେରା, ବାବୁଲା ପ୍ରଧାନ, ସନ୍ତୋଷ ପଟ୍ଟନାୟକ, ବୃନ୍ଦାବନ ପ୍ରଧାନ, ତ୍ରିନାଥ ବେହେରା, କବିର ସେଠୀ, ଉପଦେଷ୍ଟା ବିଦେଶୀ ନାହାକଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ଡାଳପତ୍ର ପକାଇ ଜାତୀୟ ରାଜପଥ ଅବରୋଧ



**ସାନଖେମୁଣ୍ଡି, ୯।୬(ସମିସ):** ସୋମବାର କାଳ ବୈଶାଖୀ ପ୍ରଭାବରେ ସାନଖେମୁଣ୍ଡି ବ୍ଲକ ସାହସପୂର୍ ପଞ୍ଚାୟତ ହାଟପଦା ନିକଟରେ ବିଦ୍ୟୁତ୍ ତାରଗୁଡିକ ଛିଡିଯାଇଥିବା ବେଳେ ଦୀର୍ଘ ୩୦ ଘଣ୍ଟା ଧରି ଅଞ୍ଚଳବାସୀ ବିଦ୍ୟୁତ ସେବାରୁ ବଞ୍ଚିତ ଥିବା ହେତୁ ମଙ୍ଗଳବାର ଅପରାହ୍ନରେ ପାଟପୁର ବିଦ୍ୟୁତ ବିତରଣ୍ କାର୍ଯ୍ୟାଳୟ ନିକଟରେ ହାଟପଦା ଅଞ୍ଚଳର କିଛି ଯୁବକ ଆସି ହୋ ହାଲା କରିବା ସହ କାର୍ଯ୍ୟଳୟ ବନ୍ଦ କରି ତୁରନ୍ତ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ଦାବି କରୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ସଂଧାରେ ହାଟପଦା ଓ ସାପୁଆ ବସାର ୨୦୦ଲୋକେ ଆସିକା - ଦିଗପହଣ୍ଡି ମୁଖ୍ୟ ରାସ୍ତା ଦିଗପହଣ୍ଡି ସବ ଜେଲ୍ ନିକଟରେ ଗଛ ପତ୍ର ପକାଇ ରାସ୍ତା ରୋକ କରିଥିଲେ। ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ଶତାଧିକ ଗାଡି ମୋଟର ଅଟକି ରହିଥିଲା। ଖବର ପାଇ ପାଟପୁର ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଆମ୍ବପୁଆରୁ ବଳିଆପଲ୍ଲୀ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**କବିସୂର୍ଯ୍ୟନଗର, ୯।୬(ସମିସ):** ଓଡିଶା ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କବିସୂର୍ଯ୍ୟନଗର ଆମ୍ବପୁଆଠାରୁ ଗୁଡିଆପଲ୍ଲୀ ରାସ୍ତାର ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଉନ୍ନତୀକରଣ ଲାଗି ଆସିକା ବିଧାୟକ ସରୋଜ କୁମାର



ପାଢ଼ୀଙ୍କର ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବଳିଆପଲ୍ଲୀ ଗ୍ରାମ୍ୟବାସୀ ପକ୍ଷରୁ ବିଧାୟକଙ୍କୁ ଘଣ୍ଟମୃଦଙ୍ଗ ବଜାଇ, ସଂକୀର୍ତ୍ତନ ଦଳ ରାମନାମ ଜପି ଭିତ୍ତିପ୍ରସ୍ତର ସ୍ଥଳକୁ ପାଛୋଟି ନେଇଥିଲେ। ସେଠାରେ ଅନ୍ୟାନ୍ୟ ଅତିଥିମଧ୍ୟରେ ପାଇକଯମୁନା ସରପଞ୍ଚ ସତ୍ୟବାନ ସାହୁ, ଆମ୍ବ ଅଧକ୍ଷ ରମେଶ ଚନ୍ଦ୍ର ସ୍ୱାଇଁ, ମିଥୁନ ସାହୁ, ରାଜେଶ ଦାସ, ଭଗବାନ ସାହୁ, ନିରଞ୍ଜନ ସାହୁ, ମୋହନ ବାରିକ ଓ ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ଜନପ୍ରତିନିଧି ଉପସ୍ଥିତ ଥିଲେ। ବିଧାୟକ ତାଙ୍କ ଅଭିଭାଷଣ କହିଥିଲେ ଆସିକା, କବିସୂର୍ଯ୍ୟନଗର ବ୍ଲକର ବିକାଶ ଏହି ସରକାରରେ ତ୍ୱରାନ୍ୱିତ ହେବା ସହ ଜନସାଧାରଣ ସମସ୍ୟା ଅନ ଦି ସ୍ପଟ ସମାଧାନ ହେବ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି



**ଦିଗପହଣ୍ଡି, ୯।୬(ସମିସ):** ଦିଗପହଣ୍ଡିର ଜଣାଶୁଣା ଫଟୋ ଏବଂ ଭିଡିଓଗ୍ରାଫର ସ୍ୱର୍ଗତ ଓଡ଼ି ପ୍ରଦୀପ କୁମାରଙ୍କ ଦ୍ୱାଦଶାହ ସ୍ମୃତି ସଭା ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏନଏସି କାର୍ଯ୍ୟାଳୟରେ ଅଧକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୩ ତାରିଖ ସକାଳ ୯ ଟାରେ ଏନଏସି ସମ୍ମିଳନୀ କକ୍ଷରେ ଶିବିର ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା। ଖେମୁଣ୍ଡି ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ଓ ପ୍ରଦୀପଙ୍କ ପରିବାର ବର୍ଗଙ୍କ ମିଳିତ ଉଦ୍ୟମରେ ଶିବିର ଆୟୋଜନ ହେବାକୁ ଥିବା ବେଳେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ରକ୍ତ ଭଣ୍ଡାର ଦ୍ୱାରା ଶିବିର ପରିଚାଳନା କରାଯିବ। ସେହିଭଳି ଦିଗପହଣ୍ଡି ଏନଏସି ପ୍ରଶାସନ ରକ୍ତଦାନ ଶିବିରର ସଫଳ ପରିଚାଳନା ଦିଗରେ ସହଯୋଗ ଯୋଗାଇ ଦେବାକୁ ସମ୍ମତି ପ୍ରଦାନ କରିଥିବା ଜଣାପଡିଛି। ଅନୁଷ୍ଠିତ ଏହି ବୈଠକରେ ରକ୍ତଦାତା ସଂଘ ସଭାପତି ଭି. ଧର୍ମ ରାଜୁ, ସମ୍ପାଦକ ହରପ୍ରସାଦ ରଥ, ପ୍ରାକ୍ତନ ସଭାପତି ତପନ କୁମାର ମିଶ୍ର, ଏନଏସି ଉପାଧକ୍ଷାଙ୍କ ପ୍ରତିନିଧି କେ. କୁନା, ସାମାଜିକ କର୍ମୀ ଭି. ଶ୍ୟାମ ସୁନ୍ଦର ରାଜୁ, ବସନ୍ତ କୁମାର ପଟ୍ଟନାୟକ, ନୀଳ ମାଧବ ପରମଗୁରୁ, ଶ୍ରୀଧର ମେକାପ, ଆଇନଜୀବି ମନୋରଞ୍ଜନ ପଣ୍ଡା, କାଉନସିଲର ସୁଶାନ୍ତ କୁମାର ପାତ୍ର, ନୀଳମାଧବ ଗୌଡ଼, ସୁନିଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍ କାର୍ଯ୍ୟାଳୟରେ ବିଲ୍ ପାସ୍‌କୁ ନେଇ ଅନିୟମିତତା

# ଆକାଉଣ୍ଟ ସେକ୍ସନରେ ଫାଇଲ ଅଟକି ରହୁଛି

ହୁମ୍ମା, ୯।୬(ସମିସ)




ସରକାର ଓ ତାଙ୍କ ପଞ୍ଚାୟତିରାଜ ବିଭାଗ ଉନ୍ନୟନ କାର୍ଯ୍ୟକୁ ସମୟାନୁସାରେ ଶେଷ କର ବୋଲି କଡା ନିର୍ଦ୍ଦେଶ ରହିଛି। ଗଞ୍ଜାମ ଜିଲ୍ଲାପାଳ ମଧ୍ୟ ସମସ୍ତ ବ୍ଲକ ଓ ପଞ୍ଚାୟତର ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ କାର୍ଯ୍ୟ ଶେଷ ହେବା ପରେ ତୁରନ୍ତ ଆକାଉଣ୍ଟ ସେକ୍ସନରେ ବିଲ୍ ପାସ୍ ହେଲେ ନୂଆ କାମ ଆଗେଇବା ସହ ଶ୍ରମିକମାନେ ମଧ୍ୟ ସଠିକ ସମୟରେ ନିଜର ପାରିଶ୍ରମିକ ପାଇ ପାରିବେ। କିନ୍ତୁ ଗଞ୍ଜାମ ବ୍ଲକ କାର୍ଯ୍ୟାଳୟରେ ବ୍ୟତିକ୍ରମ ଦେଖା ଦେଇଛି। ଗୋଟିଏ ପରେ ଗୋଟିଏ ବିଭାଗୀୟ ଅଧିକାରୀ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟର ଅବହେଳା କରୁଥିବା ନେଇ ପଦାରେ ପଡୁଛି। ଗଞ୍ଜାମ ପଞ୍ଚାୟତ ସମିତି/ବ୍ଲକ କାର୍ଯ୍ୟାଳୟରେ ବିଲ ପାସକୁ ନେଇ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଆକାଉଣ୍ଟସ ସେକ୍ସନର ଓ କ୍ୟାସିୟର ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଠିକାଦାର,ସବ ଠିକାଦାର ଓ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଲ ପାସ କରିବା ପାଇଁ ବିଳମ୍ବ କରାଯାଉଛି ବୋଲି ଠିକାଦାରମାନେ ଅଭିଯୋଗ କରିଛନ୍ତି। ମାସ ମାସ ଧରି ଫାଇଲ ଅଟକି ରହୁଛି। "ଏଷ୍ଟିମେଟ ଠିକ ନାହିଁ", "ଏମବି ବୁକ ମେଳ ଖାଉନି" କହି ବିଲ ଫେରାଇ ଦିଆଯାଉଛି। ଚିହ୍ନା ଠିକାଦାରଙ୍କ ବିଲ୍ ୨ ଦିନରେ ପାସ ହେଉଥିବା ବେଳେ ସାଧାରଣ ଠିକାଦାରଙ୍କ ବିଲ୍ ୩-୪ ମାସ ପଡିରହୁଛି। ପିଏମଏୱାଇ,

**ବିଳମ୍ବରେ ହେଉଛି ବିଲ୍; ଶ୍ରମିକଙ୍କୁ ମିଳୁନି ମଜୁରି**

ମନରେଗା ହିତାଧିକାରୀଙ୍କ ବିଲ ସବୁଠୁ ବେଶି ବିଳମ୍ବ ହେଉଛି।ଏମିତିରେ ବି ବିନା କାମରେ କିପରି ବିଲ୍ ପାସ୍ ହେଉଛି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି।

ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଠିକାଦାର କହିଲେ, "ବିଲ ପାସ ପାଇଁ ଅଫିସ ବାହାରେ ଦଲାଲ/ନେତାମାନଙ୍କୁ ଧରିବାକୁ ପଡୁଛି। ସିଧା ଗଲେ ଦିନ ଦିନ ବସାଇ ଫେରାଇ ଦେଉଛନ୍ତି। ଆମେ ଶ୍ରମିକଙ୍କୁ ପଇସା କେମିତି ଦେବୁ"ଅନ୍ୟ ଜଣେ ଠିକାଦାର କହିଛନ୍ତି ନିର୍ବାହୀ ଯନ୍ତ୍ରୀ ଦସ୍ତଖତ ହେବା ପରେ ବି ଆକାଉଣ୍ଟ ଓ କ୍ୟାସିୟର ଅଫିସର ବିଲ୍ ଅଟକାଇ ଦେଉଛନ୍ତି। ଫଳରେ ଠିକାଦାରମାନେ ଅନ୍ୟ ଏକ କାମ ଟେଣ୍ଡର ନେବା ପାଇଁ ଆଗ୍ରହ ହେଉ ନାହାଁନ୍ତି। ଉନ୍ନୟନ କାର୍ଯ୍ୟରେ ବାଧା ମଧ୍ୟ ଉପୁଜୁଛି। ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ଜୋର ଧରିଛି । ବିଲ ପାସରେ ସ୍ୱଚ୍ଛତା ପାଇଁ ଏଣିକି ଅନଲାଇନ ଟ୍ରାକିଂ ସିଷ୍ଟମ ଲାଗୁ କରାଯାଉ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। କେବଳ ରାସ୍ତା ଘାଟ କାର୍ଯ୍ୟ ନୁହେଁ ସବୁ କ୍ଷେତ୍ରରେ ଆକାଉଣ୍ଟ ଓ କ୍ୟାସିୟର ଅଫିସରଙ୍କ ମନମାନୀ ଯୋଗୁଁ ଲୋକେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବାରମ୍ବାର ଅଭିଯୋଗ କରୁଛନ୍ତି।

## ଏସ୍‌ବିଆଇ ତରଫରୁ ଖୁଚୁରା ବଣ୍ଟନ



ଜି ଉଦୟଗିରି, ୯।୬(ସମିସ): ବଜାରରେ ଖୁଚୁରା ନ ମିଳିବା ଫଳରେ ବ୍ୟବସାୟୀଙ୍କ ସହିତ ସାଧାରଣ ଲୋକେ ନାହିଁ ନଥିବା ହଇରାଣ ହେଉଥିବା ବେଳେ ଏସ୍‌ବିଆଇ ତରଫରୁ ଭ୍ରାମ୍ୟମାଣ ମେଳା କରି ଖୁଚୁରା ବଣ୍ଟନ କରିବା ସହିତ ପୁରୁଣା ନୋଟ ବଦଳାଇବା ବ୍ୟବସ୍ଥା କରିଛନ୍ତି। ଆଜି ଏହି ମେଳା ଜି ଉଦୟଗିରି ଭଞ୍ଜମାର୍କେଟ ସମ୍ମୁଖରେ ଲାଗିଥିବା ବେଳେ ଲୋକମାନେ ଖୁଚୁରା ନେବା ସହିତ ପୁରୁଣା ରଦ୍ଦି ଫଟା ନୋଟ ଦେଇ ନୂଆ ନୋଟ ନେଉଥିବା ଦେଖିବାକୁ ମିଳିଛି। ଏହା ନିୟମିତ ବ୍ୟବଧାନରେ କରାଗଲେ ସମସ୍ତେ ଉପକୃତ ହୋଇପାରିବେ ବୋଲି ବ୍ୟବସାୟୀ ମାନେ କହିଛନ୍ତି।

## ଜୀବନ ଯୁଦ୍ଧରେ ହାରିଗଲେ କ୍ୟାନ୍ସର ପୀଡ଼ିତ ଅଶୋକ



ଜି ଉଦୟଗିରି, ୯।୬(ସମିସ): ଦୀର୍ଘ ଦିନ ହେଲା ଜୀବନ ସହିତ ସଂଗ୍ରାମ କରୁଥିବା ଅଶୋକ ଶେଷରେ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି। ଦୀର୍ଘ ମାସ ହେଲା କ୍ୟାନ୍ସରରେ ପଡି ଚିକିତ୍ସା ହେଉଥିଲେ ପଦାସାହିର ଅଶୋକ ମଲିକ(୪୮)। ଘରକୁ ଏକ ମାତ୍ର ରୋଜଗାର କରୁଥିବା ବେଳେ ୬ ପ୍ରାଣୀ କୁଟୁମ୍ବଙ୍କ ବୋଝ ରହିଥିଲା। ଆର୍ଥିକ ଅନାଟନ ରେ ଚାଲୁଥିବା ପରିବାର ପେଟକୁ ଦାନା ଯୋଗାଡ଼ କରିବା କଷ୍ଟକର ହେଉଥିବା ବେଳେ ଉପଯୁକ୍ତ ଚିକିତ୍ସା ପାଇଁ ସରକାରଙ୍କ ଗୁହାରି କରିଥିଲେ ସ୍ତ୍ରୀ। ଶେଷରେ ହାରିଗଲେ ଅଶୋକ। ରବିବାର ରାତିରେ ତାଙ୍କର ହେହାନ୍ତ ହୋଇଥିବା ବେଳେ ଆଜି ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର ହୋଇଛି। ଅନ୍ତିମ ସଂସ୍କାର ରେ ସହିବାସିନ୍ଦା ଜନପ୍ରତିନିଧି, ଗଣମାଧମ ପ୍ରତିନିଧି ପହଂଚି ସମବେଦନା ଜଣାଇଛନ୍ତି। ଅଶୋକଙ୍କ ମୃତ୍ୟୁ ପରେ ପରିବାର କିପରି ପ୍ରତିପୋଷଣ ହେବ ତାହାକୁ ନେଇ ଚିନ୍ତା ବଢି ଥିବା ବେଳେ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହୋଇଛି।

## ନୂତନ ତହସିଲଦାରଙ୍କୁ ଶୁଭେଚ୍ଛା ଜଣାଇଲା ଶ୍ରୀରାମ ମନ୍ଦିର ପରିଚାଳନା କମିଟି



ଜି ଉଦୟଗିରି, ୯ ।୬(ସମିସ): ନୂତନ ତହସିଲଦାର ଭାବ ଯୋଗ ଦେଇଥିବା ସମୁଦ୍ର ମିଶ୍ରଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀରାମ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା। ମନ୍ଦିର ପରିଚାଳନା କମିଟି ତରଫରୁ ସଭାପତି ସନ୍ତୋଷ କୁମାର ବାଘ, ଉପ ସଭାପତି ଦୁର୍ଗା ମାଧବ ପଟ୍ଟନାୟକ, ସମ୍ପାଦକ ପ୍ରଶାନ୍ତ ବଗର୍ତି, କୋଷାଧ୍ୟକ୍ଷ ହେମନ୍ତ କୁମାର ପ୍ରଧାନ, ମୁଖ୍ୟ ପରିଚାଳକ ଅନିଲ କୁମାର ପଟ୍ଟନାୟକଙ୍କ ସହିତ ସୁଦାମ ପାତ୍ର, ଭଗବତ ଆର୍ଜେଲି, ପୁର୍ଣ୍ଣ ପ୍ରଧାନ, ଦୀପକ କୁମାର ଦଳବେହେରା, ଲଳିତ ଦଳବେହେରା, ପ୍ରଦୀପ ନାୟକ ପ୍ରମୁଖଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ।

## ୨୩ କେଜି ଗଞ୍ଜେଇ ଜବତ; ୩ ଆନ୍ତଃରାଜ୍ୟ ମାଫିଆ ଗିରଫ



ବାଲିଗୁଡ଼ା, ୯।୬(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ପୋଲିସ ଗଞ୍ଜେଇ ଚୋରା ଚାଲାଣ ବିରୋଧୀ ଅଭିଯାନରେ ବଡ଼ ସଫଳତା ହାସଲ କରିଛି। ସୋମବାର ଦିନ ପୋଲିସ ପେଟ୍ରୋଲିଂ ବେଳେ ଜାତୀୟ ରାଜପଥ-୫୯ର ସୀତାପଡ଼ି ଗ୍ରାମ ନିକଟରେ ଏକ ଟୟୋଟା କାରରୁ ୨୩ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ତିନି ଜଣ ଅନ୍ତରାଜ୍ୟ ମାଫିଆ ଙ୍କୁ ଗିରଫ୍ କରିଥିଲେ।ଏହି ଗଞ୍ଜେଇ ବିହାର କୁ ଚୋରା ଚାଲାଣ କରାଯାଉଥିବା ସୂଚନା ଦେଇଛି ବାଲିଗୁଡ଼ା ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ପପୁ ରସ୍ତୋଗୀ (ପିତା–ରାମଲାଲ ରସ୍ତୋଗୀ), ଆଛେ ଲାଲ ସରୋଜ (ପିତା–ଗେଣ୍ଡାଲାଲ ସରୋଜ) ଏବଂ ସନ୍ଦୀପ କୁମାର ପ୍ରଜାପତି (ପିତା–ସ୍ୱର୍ଗତ ବିଶ୍ରାମ ପ୍ରଜାପତି) ।ସେମାନେଉତ୍ତରପ୍ରଦେଶରମିର୍ଜାପୁରଜିଲ୍ଲାରବାସିନ୍ଦାବୋଲିଜଣାପଡ଼ିଛି।

ପୋଲିସ ଜବତ ହୋଇଥିବା ଟୟୋଟା କାର ସହ ୨୩ କେଜି ଗଞ୍ଜେଇକୁ ଜବତ କରିଥିବା ବେଳେ ଏହି ଘଟଣାରେ ବାଲିଗୁଡ଼ା ଥାନାରେ କେସ ନଂ-୧୪୩/୨୦୨୬ ରୁଜୁ କରାଯାଇଛି। ଏନଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପୋଲିସର ସୂଚନା ଅନୁଯାୟୀ, ଏହି ଗଞ୍ଜେଇ ଚାଲାଣ ଚକ୍ର ସହ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ସେନେଇ ତଦନ୍ତ କରୁଥିବା ସୂଚନା ଦେଇଛନ୍ତି ବାଲିଗୁଡ଼ା ଥାନା ଅଧିକାରୀ ଶିବ ରଞ୍ଜନ ଶିଙ୍ଗା।

### ପାନୀୟ ଜଳ ଯୋଗାଇବାରେ ପାଞ୍ଚ ମାସ ହେଲା ରାସ୍ତା ଖୋଳି ଦିଆଯାଇଛି

# ସଡକ ଯୋଗାଯୋଗରୁ ବଞ୍ଚିତ ବାଙ୍ଗଡ଼ା ଗ୍ରାମବାସୀ

ପାରଳାଖେମୁଣ୍ଡି, ୯ ।୬ (ସମିସ)





ପ୍ରତ୍ୟେକ ଅଞ୍ଚଳର ବିକାଶ ପାଇଁ ଅନ୍ତତଃ ଗମନାଗମନ ଓ ପାନୀୟ ଜଳ ଯୋଗାଇ ଦେବା ଭଳି ମୌଳିକ ସୁବିଧା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବିନା ରାସ୍ତାଘାଟରେ ଗମନାଗମନ ସେହି ଅଞ୍ଚଳପାଇଁ ବିକାଶ ଧାରାକୁ ଅଟକାଇ ଦେଉଥିବା ବେଳେ ବିନା ପାଣିରେ ଜୀବନଜୀବିକା ନିର୍ବାହ କରିବା ଅସରାଏ ଦୁଃଖ ଦୁର୍ଦ୍ଦଶା ଆଣିଦେଇଥାଏ। ଦେଶ ଓ ରାଜ୍ୟରେ ଡବଲ ଡବଲ ଇଞ୍ଜିନ ରହିଥିବା ଏବଂ ଡିଜିଟାଲ୍ ଭାରତର ନାରା ସମଗ୍ର ବିଶ୍ୱରେ ଡଙ୍କା ବଜାଜାଉଛି। ବିକାଶ ଧାରାକୁ ଏହି ଡବଲ ଇଞ୍ଜିନ ସରକାର ଆଗକୁ ନେଉଥିବା କଥା କହିଚାଲିଛନ୍ତି। ହେଲେ ଏମାନଙ୍କ ଡଙ୍କା ଓ ନାରା କୌଣସି ମହତ୍ୱ ଅନୁନତ ଗଜପତି ଜିଲ୍ଲାର ଏହି ଗ୍ରାମରୁ ସ୍ପଷ୍ଟ ଅନୁମେୟ। ଏହିପରି ଏକ ଗ୍ରାମ ଯେଉଁ ଠାରେ ମୌଳିକ ସୁବିଧା ପାଇଁ ଗ୍ରାମବାସୀ କେତେ ଯେ କଷ୍ଟ ଭୋଗୁଛନ୍ତି। ଗଜପତି ଜିଲ୍ଲାର ରାୟଗଡ ବ୍ଲକ ଅନ୍ତର୍ଗତ ଗଣ୍ଡାହାତୀ ପଞ୍ଚାୟତର ବାଙ୍ଗଡା ଗ୍ରାମ। ଗ୍ରାମରେ ୪୫ରୁ ଉର୍ଦ୍ଧ ଘରେ ୨୦୦ ଜନସାଧାରଣ ବସବାସ କରୁଥିବା ବେଳେ ଗ୍ରାମକୁ ନା ଭଲ ସଡକ ଟିଏ ଅଛି, ନା ପକ୍କା ସଡକ ପାଇଁ କାହାର ଦୃଷ୍ଟି ପଡିଛି। ଦଶନ୍ଧି ଦଶନ୍ଧି ଧରି ସରକାର ବଦଳୁଛି। ବର୍ଷକୁ ବର୍ଷ ପ୍ରଶାସନିକ ଅଧିକାରୀ ବଦଳୁଛନ୍ତି। ତଥାପି ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ନା ସମସ୍ୟା ଦୂର ହୋଇଛି, ନା କେହି ଶୁଣୁଛନ୍ତି। ଏହି ଗ୍ରାମକୁ ପହଞ୍ଚିବାକୁ ହେଲେ ପ୍ରଖ୍ୟାତ ପର୍ଯ୍ୟଟନସ୍ଥଳ ଗଣ୍ଡାହାତୀ ଜଳପ୍ରପାତ ଠାରୁ ପାଞ୍ଚ କିଲୋମିଟର ପାହାଡିଆ ପଥୁରିଆ ମାଟି ଓ କିଛି କିଛି ଅଂଶରେ ସିମେଣ୍ଟ କଂକ୍ରିଟ ରାସ୍ତା ଦେଇ ବାଙ୍ଗଡାକୁ ପହଞ୍ଚିବାକୁ ପଡେ। ରାସ୍ତାଘାଟର ଏପରି ଅବସ୍ଥା ଯୋଗୁଁ ନା ଆଜି ପର୍ଯ୍ୟନ୍ତ ଆମ୍ବୁଲାନ୍ସ ପହଞ୍ଚିପାରୁଛି ନା କୌଣସି ଚାରିଚକିଆ ଯାନ ପହଞ୍ଚୁଛି। ତେବେ ଏପରି ଭୟଙ୍କର ପରିସ୍ଥିତିରେ ଥିବା ରାସ୍ତାକୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଗ୍ରାମକୁ ଜଳ ଯୋଗାଇ ଦେବା ପାଇଁ ପାଇଲାଇନ ବିଛାଇବା ପାଇଁ ପାଞ୍ଚମାସରୁ ଉର୍ଦ୍ଧ ସମୟ ହେଲା ଖୋଳି ଦିଆଯାଇଛି। ଯାହାକି ଉକ୍ତ ରାସ୍ତାଟି ଆହୁରି ସଙ୍କିର୍ଣ୍ଣ ହୋଇପଡିଛି। ଖୋଳା ଯାଇଥିବା ମାଟି ଗୁଡି ଗୁଡିକ ବର୍ଷା ହେବା ଫଳରେ ରାସ୍ତା ମଧ୍ୟକୁ ଚାଲି ଆସୁଛି। ଫଳରେ ଯାତାୟତ କରିବାରେ ନାନାଦି କଷ୍ଟ ଭୋଗୁଛନ୍ତି ଗ୍ରାମବାସୀ। ଲୋକେ ପୂର୍ବରୁ ରାସ୍ତା ଘାଟ ସମସ୍ୟାରେ ଜର୍ଜରିତ ଥିବା ବେଳେ ବର୍ତ୍ତମାନ ପାଇପ ଲାଇନ ବିଛାଇବା ନାମରେ ରାସ୍ତାକୁ ଆହୁରି କଦର୍ଯ୍ୟ କରିଦେଇଥିବାରୁ ଯାତାୟତରେ ଅକଥନୀୟ ସମସ୍ୟାରେ ପଡୁଥିବାର ଗ୍ରାମବାସୀ ଜଣାଇଛନ୍ତି। ବିଶେଷକରି ଅଦିନିଆ ବୃଷ୍ଟିପାତ, ଲଘୁଚାପ ଜନିତ ଓ ବର୍ଷା ଋତୁରେ ଏକ ପ୍ରକାରର ବନ୍ଦିଭଳି ପରିସ୍ଥିତି ଗ୍ରାମବାସୀଙ୍କ ପାଇଁ ସୃଷ୍ଟି କରୁଥିବାର ପ୍ରକାଶ କରିଛନ୍ତି। ଏପରିକି ଜରୁରି ପରିସ୍ଥିତିରେ ରୋଗୀଙ୍କୁ ଦୋଳାରେ ବୁହା ହୋଇ ପାଞ୍ଚକିମି ଅତିକ୍ରମ କରି ଜଳପ୍ରପାତ ପାଖାପାଖି ପହଞ୍ଚିଲେ ଏମାନେ ଗମନାଗମନ ପାଇଁ ଚାରିଚକିଆ ଗାଡିଟି ଜୁଗାଡ ହୋଇପାରୁଛି। ଅନ୍ୟପକ୍ଷରେଏହି ପାଇପ ଲାଇନ ବିଛାଇବା ପାଇଁ ଠିକା ନେଇଥିବା ସଂସ୍ଥା ଅଧାରୁ କାମ ଛାଡିଦେଇଥିବାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ଏହି ଗ୍ରାମରେ କେବଳ ସଡକ ଗୋଟିଏ ସମସ୍ୟା ନୁହେଁ ପାନୀୟ ଜଳର ମଧ୍ୟ ଉତ୍କଟ ସମସ୍ୟା ଦେଖିବାକୁ ମିଳୁଛି। ରାସ୍ତା ଓ ପାନୀୟ ଜଳର ଉତ୍କଟ ସମସ୍ୟା ରହିଥିବା ଏହି ଗ୍ରାମରେ ପ୍ରଶାସନର କେବେ ଶୁଭଦୃଷ୍ଟି ପଡିବ ବୋଲି ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି। ଏନେଇ ଦାୟିତ୍ୱରେ ରହିଥିବା ବିଭାଗୀୟ ଯନ୍ତ୍ରୀଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ହେଁ ଫୋନ୍ ଉଠାଇ ନଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ଧାନ ବିକି ଛାତ୍ରଛାତ୍ରୀଙ୍କୁ ପାଠ୍ୟୋପକରଣ ବାଣ୍ଟିଲେ ରାଜେଶ



ଜି ଉଦୟଗିରି, ୯ ।୬(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଗବେଷକ ଛାତ୍ର ରାଜେଶଙ୍କ ନିଆରା ଉଦ୍ୟମ: ମଣ୍ଡିରେ ଧାନ ଫସଲ ବିକ୍ରି କରି ଏବଂ ଛାତ୍ରବୃତ୍ତି ଟଙ୍କାରେ ଗ୍ରାମର ଛାତ୍ରଛାତ୍ରୀ ମାନଙ୍କୁ ପାଠ୍ୟ ଉପକରଣ ବାଣ୍ଟିବା ସମାଜ ପାଇଁ ଉଦାହରଣ ହୋଇଛି।

ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ୍‌ର ତଲାରିମାହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଟାମାହା ଗ୍ରାମରେ ରାଜେଶ କୁମାର ବଗର୍ତ୍ତୀଙ୍କ ଗାଁ। ବର୍ତ୍ତମାନ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ପିଏଚଡ଼ି ପାଠ୍ୟକ୍ରମ ଉପରେ ଗବେଷଣା କରୁଛନ୍ତି। ଗବେଷଣା କାର୍ଯ୍ୟ କରିବା ସହିତ ମଧ୍ୟ ସେ ଚାଷ କାର୍ଯ୍ୟରେ ମନୋନିବେଶ କରିଛନ୍ତି। ଖରିଫ ଋତୁରେ ସେ ୫ ଏକରରୁ ଅଧିକ ଜମିରେ ଚାଷ କରିଥିଲେ ଏବଂ ଚାଷ ଅମଳ ହେବା ପରେ ମଣ୍ଡିରେ ଧାନ ବିକ୍ରି କରିଥିଲେ ଏବଂ ଧାନ ବିକ୍ରି ବାବଦରେ ଯେଉଁ ଟଙ୍କା ପାଇଥିଲେ ସେହି ଟଙ୍କା ଏବଂ ଛାତ୍ରବୃତ୍ତି ବାବଦରେ ମିଳୁଥିବା ଟଙ୍କାରୁ କିଛି ଟଙ୍କା ବିନିଯୋଗ କରି କି ଗ୍ରାମର ଅଙ୍ଗନବାଡ଼ି ପିଲାମାନଙ୍କ ଠାରୁ ଆରମ୍ଭ କରି ଯୁକ୍ତ ତିନି ଶ୍ରେଣୀ ପର୍ଯ୍ୟନ୍ତ ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ନିଶୁଳ୍କ ରେ ପାଠ୍ୟ ଉପକରଣ ଯୋଗାଇ ଦେଇଛନ୍ତି। କରୋନା ମହାମାରୀ ସମୟରେ ସେ ନିଜ ଘର ବାରଣ୍ଡାରେ ଗାଁର ପ୍ରଥମ ଶ୍ରେଣୀ ଠାରୁ ଆରମ୍ଭ କରି ଯୁକ୍ତ ତିନି ଶ୍ରେଣୀର ୧୮ ଜଣରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ପ୍ରତିଦିନ ସକାଳ ୭.୩୦ ଟା ରୁ ଦିନ ୧୦ ଘଟିକା ଏବଂ ସନ୍ଧ୍ୟା ୫ ଟା ସମୟରୁ ରାତି ୮ ଟା ପର୍ଯ୍ୟନ୍ତ ମାଗଣାରେ ଶିକ୍ଷାଦାନ କରୁଥିଲେ। ବର୍ତ୍ତମାନ ଗବେଷଣା କାର୍ଯ୍ୟ ପାଇଁ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରହୁଛନ୍ତି । କିନ୍ତୁ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଗାଁ ଆସିଲେ ପୁଣିଥରେ ଗାଁର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ନିଶୁଳ୍କ ରେ ପାଠ ପଢ଼ାଉଛନ୍ତି। ରାଜେଶ କହନ୍ତି, ଜନ୍ମ କଲା ମା' ପ୍ରତି ପୁଅର ଯେଉଁ ଭଳି ସ୍ନେହ, ମମତା, କର୍ତ୍ତବ୍ୟ ରହିଛି। ସେହିଭଳି ନିଜ ଜନ୍ମମାଟି ପ୍ରତି ମଧ୍ୟ ଭଲ ପାଇବା ସହିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଗାଁର ବିକାଶ ସହିତ ମୋ ଗାଁ ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଗ୍ରସର କରିବା ମୋର ଏକମାତ୍ର ଲକ୍ଷ୍ୟ ବୋଲି ସେ ନିଜର ମତପ୍ରକାଶ କରିଛନ୍ତି।

## ସିଭିଲ ସର୍ଭିସ୍‌ରେ କୃତିତ୍ୱ ହାସଲ କରିଥିବା ପୂଜାରାଣୀଙ୍କୁ ସମ୍ବର୍ଦ୍ଧନା



ଚକାପାଦ, ୯।୬(ସମିସ): ଓଡିଶା ସିଭିଲ ସର୍ଭିସରେ କୃତିତ୍ୱ ହାସଲ କରିଥିବା ସୁଶ୍ରୀ ପୂଜାରାଣୀ ନାୟକ ନିଜ ଗାଁ ଲାଇନପଡାକୁ ଆଜି ଆସିବାରୁ କୁସୁମେଣ୍ଡି ଅଷ୍ଟସମ୍ଭୁ ପରିଚାଳନା କମିଟି ପୂଜାରାଣୀଙ୍କୁ ବିପୁଳ ସ୍ୱାଗତ ସମର୍ଦ୍ଧିତ କରାଯାଇଥିଲା। ପ୍ରଥମ ତାଙ୍କୁ ସ୍ଥାନୀୟ ମହାବିଦ୍ୟାଳୟ ଠାରୁ ବିରାଟ ପଟୁଆରେ ଗ୍ରାମର ମହିଳାମାନେ ପାଛଟି ଆଣି ଦୁର୍ଗାମଣ୍ଡପ ନିକଟରେ ଏକ ସମ୍ବର୍ଦ୍ଧନା ସଭାରେ ଅଷ୍ଟସମ୍ଭୁ କମିଟି ତରଫରୁ ପୁଷ୍ପ ଏବଂ ଉତରିଆ ଦେଇ ସ୍ୱାଗତ କରାଯାଇଥିଲା ଏବଂ ଏକ ସଭାର ଆୟୋଜନ କରାଯାଇଥିଲା ଏହି ସଭାରେ ଅବସର ପ୍ରାପ୍ତଅଧକ୍ଷ୍ୟ ତ୍ରଲୋକ୍ୟନାଥ ସେନାପତି ପିଏମଶ୍ରୀ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ଲକ୍ଷ୍ମୀନାରଳୟନ ପୁରୋହିତ କମିଟି ସଭାପତି ସରଜ ଭୋଇ ଉପସଭାପତି ତାରିଣୀ ବେହେରା ସମ୍ପାଦକ ରାଜେନ୍ଦ୍ର ବେହେରା ସହସମ୍ପାଦକ ସଂଜିତ ନାୟକ ସଭ୍ୟ ଦାନବିହାରୀ ନାୟକ ପର୍ଶୁରାମ ସାହୁ ସନ୍ତୋଷ ଭୋଇ ସରଜ ସାହୁ ନରେନ୍ଦ୍ର ନାୟକ କୁମୁଦ ବେହେରା ମହେଶ୍ୱର ନାୟକ ଦୀନବନ୍ଧୁ ନାୟକକବିତା ମୁଖି ଦିଗାମ୍ବର ନାୟକ ଚନ୍ଦ୍ର ଶେଖର ଦଳବେହେରା ଶତ୍ରୁଘନ ନାୟକ ଶଶୀ ଭୂଷଣ ବେହେରା ଚକ୍ରପାଣି ନାୟକ ପୂଜାରାଣୀ ର ପିତା ପ୍ରଦୀପ ନାୟକ ମାତା ରାଜୁମା ନାୟକ ଏବଂ ଗ୍ରାମ ର ମହିଳା ଏବଂ ପୁରୁଷ ମାନେ ଯୋଗଦେଇଥିଲେ କୁସୁମେଣ୍ଡି ଅଞ୍ଚଳରୁ ଓଡିଶା ସିଭିଲ ସର୍ଭିସ କୃତିତ୍ୱ ହାସଲ କରିଥିବା ପ୍ରଥମ ପୂଜାରାଣୀ କେମିତି ଆହୁରି ଆଗକୁ ବଢିବ ସମସ୍ତେ ଆଶ୍ରିବାଦ କରିଥିଲେ ହିନ୍ଦୀଶିକ୍ଷକ ଲକ୍ଷ୍ମୀନାରାୟଣ ପୁରୋହିତ ମଞ୍ଚ ପରିଚାଳନ କରିଥିଲେ ସରଜ ସାହୁ ଧନ୍ୟବାଦ ଦେଇଥିଲେ।

## ବେଲାପାଙ୍ଗାରେ ବାସନ ସାମଗ୍ରୀ ବଣ୍ଟନ




ରାଇକିଆ, ୮।୬(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ ମଣ୍ଡାକିଆ ପଞ୍ଚାୟତର ବେଲାପାଙ୍ଗା ଗ୍ରାମରେ 'ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟ' ପକ୍ଷରୁ ୩୦୦ ଗରିବ ଓ ଅସହାୟ ପରିବାରଙ୍କୁ ରୋଷେଇ ଓ ବାସନ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବେଲାପାଙ୍ଗା ସମେତ କାମ୍ବାଗୁଡ଼ା, ପେଟାପାଙ୍ଗା, ଗଦ୍ରିଙ୍ଗିଆ, ଟଟମାହା ଏବଂ ବୁଢ଼ାମାହା ଗ୍ରାମର ଶତାଧିକ ଗରିବ ପରିବାର ଉପକୃତ ହୋଇଛନ୍ତି। ଏହି ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମରେ ଟ୍ରଷ୍ଟର ବୋର୍ଡ ସଦସ୍ୟ ବିନୟ କୀର୍ତ୍ତି ଓ ସୁଲେଖା ଦିଗାଲ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ସାମଗ୍ରୀ ପ୍ରଦାନ କରିଥିଲେ। ରୋଜାଲିନ ଦିଗାଲ ଏବଂ କୁମାରୀ ସରିତା ନାୟକ ସକ୍ରିୟ ଭାବେ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ 'ତାଳ ଓ ଟ୍ରେଣ୍ଡସ' ନୃତ୍ୟ ସମନ୍ୱୟ ପ୍ରତିଯୋଗିତା

## ପାରଳାଖେମୁଣ୍ଡିର ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ରର ସଫଳତା



ପାରଳାଖେମୁଣ୍ଡି, ୯ ।୬ (ସମିସ) : ଶ୍ରୀ ସାଇ କଲଚୁରାଲ୍ ଏସୋସିଏସନ୍ ଟ୍ରଷ୍ଟ, ମଞ୍ଜେଶ୍ୱର ପକ୍ଷରୁ ସୋମବାର ଉପେନ୍ଦ୍ର ଭଞ୍ଜ ରେଲୱେ ଇନଷ୍ଟିଚ୍ୟୁଟ୍ ପରିସରରେ ରାଜ୍ୟସ୍ତରୀୟ 'ତାଳ ଓ ଟ୍ରେଣ୍ଡସ ନୃତ୍ୟ ସମନ୍ୱୟ ପ୍ରତିଯୋଗିତା–୨୦୨୬' ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୁଖ୍ୟ ବିଚାରକ ଭାବେ ଗୁରୁ ସୋନାଲି ରେ, ଗୁରୁ ଶୁଭଦର୍ଶିନୀ ନାୟକ ଏବଂ ଗୁରୁ ଦୁର୍ଯ୍ୟୋଧନ ମୁଦୁଲି ଯୋଗଦେଇ ପ୍ରତିଯୋଗୀମାନଙ୍କର ନୃତ୍ୟ ପରିବେଷଣର ମୂଲ୍ୟାଙ୍କନ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ପାରଳାଖେମୁଣ୍ଡି ସ୍ଥିତ ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ରର ଛଅଜଣ ନୃତ୍ୟଶିଳ୍ପୀ ଯଥା ଶୁଭଶ୍ରୀ ପାଣିଗ୍ରାହୀ, ଦିବ୍ୟା ପୂଜାରୀ, ତନୁପ୍ରିୟା ପାଇକ, ସୋନାଲି ପ୍ରଧାନ, ଲିସା ରାଣୀ ପାତ୍ରୀ ଏବଂ ସ୍ମୃତିସ୍ନିଗ୍ଧା କର ବରିଷ୍ଠ ଦଳଗତ ନୃତ୍ୟ ବିଭାଗରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ସଫଳତା ପାଇଁ ସେମାନେ ଟ୍ରଫି ସହିତ ପୁରସ୍କାର ରାଶି ମଧ୍ୟ ହାସଲ କରିଛନ୍ତି। ସେମାନଙ୍କର ମନୋମୁଗ୍ଧକର ନୃତ୍ୟ ପରିବେଷଣକୁ ଉପସ୍ଥିତ ବିଚାରକ ମଣ୍ଡଳୀ, ଦର୍ଶକବୃନ୍ଦ ଏବଂ ଆୟୋଜକ କମିଟି ଭୂୟସୀ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ। ଏହି ସଫଳତା ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ର ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଅନୁଷ୍ଠାନର ଗୁରୁଜନ, କର୍ମକର୍ତ୍ତା ଏବଂ ଅଭିଭାବକବୃନ୍ଦ ପ୍ରଥମ ସ୍ଥାନ ଅଧିକାର କରିଥିବା ନୃତ୍ୟଶିଳ୍ପୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭବିଷ୍ୟତରେ ମଧ୍ୟ ଅନୁଷ୍ଠାନ ନୃତ୍ୟ ନିର୍ଦ୍ଦେଶିକା ଗୁରୁ ଡି.ପ୍ରିୟଙ୍କାଙ୍କ ପ୍ରଶିକ୍ଷଣ ଦ୍ୱାରା ଏହିପରି ସଫଳତା ହାସଲ କରି ଅନୁଷ୍ଠାନ ଓ ପାରଳାଖେମୁଣ୍ଡି ପାଇଁ ଗୌରବ ଆଣିବେ ବୋଲି ଆଶା ପ୍ରକାଶ କରିଛନ୍ତି।

## ମହେନ୍ଦ୍ରଗିରି ମେଳାରୁ ଫେରିବା ବେଳେ ଦୁର୍ଘଟଣା; ୬ ଆହତ

ପାରଳାଖେମୁଣ୍ଡି, ୯ ।୬ (ସମିସ)



ଗଜପତି ଜିଲ୍ଲାର ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିଅଞ୍ଚଳରେ ତିନି ଦିନ ମଧ୍ୟରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ପର୍ବତମାଳାର ପଦାଦେଶରେ ଥିବା ଉଭୟ ଗଜପତି ଓ ଗଞ୍ଜାମ ଜିଲ୍ଲା ସୀମାନ୍ତରେ ଏପରି ଦୁର୍ଘଟଣା ଘଟିଛି। ଯେଉଁଥିରେ କି ଗଞ୍ଜାମ ଅଞ୍ଚଳର ତିନି ଜଣଙ୍କ ଦୁଃଖଦ ମୃତ୍ୟୁ ଘଟିଥିବା ବେଳେ ଅନେକ ଖଣ୍ଡିଆଖାବରା ହୋଇପଡିଛନ୍ତି। ଆଜି ମଧ୍ୟ ବୁରୁଖତ-କଇଁପୁର ମଧ୍ୟରେ ଥିବା ବଡମାସିଂ ଗ୍ରାମ ନିକଟରେ ଏକ ଅଟୋ ଭାରସାମ୍ୟ ହରାଇ ଘାଟି ତଳକୁ ଖସି ପଡ଼ିବାରୁ ୬ରୁ ଅଧିକ ଆହତ ହୋଇଥିବାର ଜଣାପଡିଛି। ଆହତମାନେ ସମସ୍ତେ ଗଜପତି ଜିଲ୍ଲା ରାୟଗଡ ବ୍ଲକ ବୁରୁଜାଙ୍ଗ ଅଞ୍ଚଳର ବୋଲି ଜଣାପଡିଛି। ସମସ୍ତେ ଗୋଟିଏ ପରିବାରର। ଆଜି ମହେନ୍ଦ୍ର ପୁରୁଷୋତ୍ତମ ମେଳାର ଶେଷ ଦିନ ମହାଯଜ୍ଞର ପୂର୍ଣ୍ଣ ଆହୁତି ଦେଖିବାପାଇଁ ବୁରୁଜାଙ୍ଗ ଗ୍ରାମର ଅଟୋଚଳକ ତଥା ମାଲିକ ରାଙ୍ଗା ଘାଣ୍ଟା ନିଜ ପରିବାର ସଦସ୍ୟଙ୍କୁ ନେଇ ମହେନ୍ଦ୍ର ମେଳାରେ ଯୋଗଦେଇ ଫେରୁଥିଲେ। ଫେରିବା ସମୟରେ ବଡମାସିଂ ଗ୍ରାମ ନିକଟରେ ଥିବା ଏକ ବୁଲାଣିଆ ରାସ୍ତା ନିକଟରେ ହଠାତ ଅଟୋରିକ୍ସାର ବ୍ରେକଫେଲ ହୋଇଯିବା ଯୋଗୁଁ ନିୟନ୍ତ୍ରଣ ହରାଇଥିଲା। ଫଳରେ ଭାରସାମ୍ୟ ହରାଇ ଘାଟି ତଳକୁ ଖସି ପଡ଼ିଥିଲା। ତେବେ ଆହତ ମାନଙ୍କୁ ମହେନ୍ଦ୍ର ଯାଉଥିବା ଶ୍ରଦ୍ଧାଳୁ ତଥା ପଥଚାରୀମାନେ ଅନ୍ୟ ଏକ ଅଟୋ ଯୋଗେ ପ୍ରଥମେ କଇଁପୁର ସ୍ଥିତ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ପଠାଇଦେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସମସ୍ତଙ୍କ ଅବସ୍ଥା ସାମାନ୍ୟ ଥିବା ଆହାତ ଅଟୋଚଳକ ରାଙ୍ଗା ଜଣାଇଛନ୍ତି।

## ବାଲିଗାଡ଼ାରେ ବାର୍ଷିକ ବେଦ ସମ୍ମିଳନୀ



ରାଇକିଆ, ୯।୬(ସମିସ): କନ୍ଧମାଳ ଜିଲ୍ଲା କେ. ନୁଆଗାଁ ବ୍ଲକ ବାଲିଗାଡ଼ାଠାରେ ବେଦଜ୍ୟୋତି ଆରକେବି କ୍ଲଷ୍ଟର ଆର୍ଯ୍ୟସମାଜ ମାଜ ବାଲିଗୁଡ଼ା ଉପଖଣ୍ଡ ପକ୍ଷରୁ ବାର୍ଷିକ ବେଦ ସମ୍ମିଳନୀ ସହ ୨୦୨ କୁଣ୍ଡୀୟ ରାଷ୍ଟ୍ର, ଧର୍ମରକ୍ଷା ଓ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ସ୍ମୃତିରେ ୨୦୨ କୁଣ୍ଡୀୟ ବୈଦିକ ଯଜ୍ଞ ସହିତ ବୈଦିକ ପ୍ରବଚନ, ବେଦର ମହିମା, ଯଜ୍ଞର ମହତ୍ତ୍ୱ, ସଂସ୍କାରର ଆବଶ୍ୟକତା ଏବଂ ପଞ୍ଚ ମହାଯଜ୍ଞର ବିଶେଷତ୍ୱ ଉପରେ ବିଦ୍ୱାନମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀରେ ରାଜ୍ୟ ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ଅନେକ ପୂଜ୍ୟ ସନ୍ନ୍ୟାସୀ ଓ ବୈଦିକ ବିଦ୍ୱାନ ସ୍ୱାମୀ ବ୍ରତାନନ୍ଦ ଜୀ ଆଚାର୍ଯ୍ୟ ଗୁରୁକୁଳ ଆଶ୍ରମ, ନୂଆପଡ଼ା, ଡାଃ ଉଷା ମୁନିଜୀ, ବାନପ୍ରସ୍ଥିନୀ, ଭଞ୍ଜନଗର, ସ୍ୱାମୀ ଆତ୍ମାନନ୍ଦ ଜୀ କନ୍ଧମାଳ, ସ୍ୱାମୀ ଶ୍ରେୟାସ୍ୱତି ଜୀ, ଗୁଜରାଟ, ସୋମଦତ୍ତ ଶାସ୍ତ୍ରୀ ଜୀ, ବରଗଡ଼, ଯୋଗେନ୍ଦ୍ର ଉପାଧ୍ୟାୟ ଜୀ, ରାଉରକେଲା, ଯୋଗାନନ୍ଦ ଜୀ, ଗଞ୍ଜାମ, ପଣ୍ଡିତ ଲକ୍ଷ୍ମଣ କୁମାର ଶାସ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ମାର୍ଗଦର୍ଶନ କରି ବେଦ ଆଧାରିତ ଦିବ୍ୟ ବାଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଜିଲ୍ଲା ଆର୍ଯ୍ୟ ସମାଜ ସଭାପତି ଆଜୀବନ ମଲ୍ଲିକ, ରାଇକିଆ ଆର୍ଯ୍ୟ ସମାଜ ସଭାପତି ଓମ ପ୍ରକାଶ ବେହେରା, ଆଚାର୍ଯ୍ୟ ଅମିତ ଆର୍ଯ୍ୟ, ବରିଷ୍ଠ ଉପଦେଷ୍ଟା ନାରାୟଣ ପ୍ରସାଦ ମହାନ୍ତି ପ୍ରମୁଖ ଭାବେ ଯୋଗଦେଇ ସହଯୋଗ କରିଥିବା ବେଳେ କମିଟି ଅଧ୍ୟକ୍ଷ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମନସ୍ୱୀ, ଉପାଧ୍ୟକ୍ଷ ଜୟବାନ ପ୍ରଧାନ, ସଂପାଦକ ପିଣ୍ଟୁ ସାହୁ, କୋଷାଧ୍ୟକ୍ଷ କେଦାରନାଥ ପ୍ରଧାନଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦାନ ପୂର୍ବକ ପରିଚାଳନାରେ ସହଯୋଗ କରିଥିଲେ। ଏହି ତିନି ଦିନିଆ ବେଦ ସମ୍ମିଳନୀରେ ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଯଜ୍ଞାହୁତି ପ୍ରଦାନ କରିବା ସହ ବେଦ ଉପଦେଶ ଗ୍ରହଣ କରି ପୁଣ୍ୟ ଅର୍ଜନ କରିଥିଲେ। ଶେଷ ଦିନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

